ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 29 | 16 - 22 July 2023 | Sambalpur | Page- 8 | Invitation Price Rs.10

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଭବିଷ୍ୟତକୁ ନେଇ ଅନିଶ୍ଚିତତା

ସମ୍ବଲପୁର : ୨୦୧୫ରୁ ଆରମ୍ଭ ହୋଇ ଏବେ ଶୀର୍ଷରେ ପହଞ୍ଚିଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ରାଜ୍ୟ ସରକାରଙ୍କ ଚରମ ଅବହେଳା ଯୋଗୁଁ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଦେଇଛି । ଏହି ବିଶ୍ୱବିଦ୍ୟାଳୟ କେବଳ ଚାରିଗୋଟି ମଞ୍ଜୁରୀପ୍ରାପ୍ତ ପଦବୀ ଚାଲିଥିଲେ ହେଁ ଆରମ୍ଭରୁ ଏହା ଠିକା କର୍ମଚାରୀମାନଙ୍କ ଦ୍ୱାରା ଚାଲିଛି । ୩୨ଜଣ ଅବସରପ୍ରାପ୍ତ ଅଧାପକ ଏକାଡେମିକ୍ କନସଲଟେଣ୍ଟ ରହି ପାଠ ପଢ଼ଉଛନ୍ତି । ବିଶ୍ୱ-ବିଦ୍ୟାଳୟ ପ୍ରତିଷ୍ଠା ହେବାଦିନ ଠାରୁ ମଞ୍ଜୁରୀ ପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲି ପଡିଛି । ଅଧାପକ ପଦବୀ ମଞ୍ଜୁରୀ କରିବା ପାଇଁ ବିଶ୍ୱ-ବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ଏପରିକି ମୁଖ୍ୟ ଶାସନ ସଚିବ ଗତ ଏପ୍ରିଲ ମାସରେ ଏହି ବିଶ୍ୱବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଡାକିଥିବା ଏକ ଉଚ୍ଚ ସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଅପରପକ୍ଷରେ ଏହି ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ପାଇଁ ଅଧାପକ ପଦବୀ ପୂରଣ ହେବାର ନିହାତି ଆବଶ୍ୟକତା ରହିଛି । ତେବେ ଇତି ମଧରେ ନାକ୍ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ନାକ୍ ମାନ୍ୟତା ହାସଲ ପାଇଁ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ଅଭିଜ୍ଞ ପ୍ରଫେସର ଏବଂ କର୍ମଚାରୀମାନଙ୍କୁ ନେଇ କମିଟି ଗଠନ କରାଯାଇ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ବେଳେ ଏହି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନ ଥିବାରୁ ତାହା ସମ୍ଭବ ହୋଇ ପାରୁନାହିଁ । ତେବେ ବିଶ୍ୱବିଦ୍ୟାଳୟର କୁଳପତି ଜଣେ ଅଭିଜ୍ଞ ପ୍ରଫେସର ତଥା ନାକ୍ କମିଟିର ସଦସ୍ୟ ହୋଇଥିବାରୁ ଏହି ବିଶ୍ୱବିଦ୍ୟାଳୟ ଯେପରି ନାକ୍‌ର ସ୍ୱୀକୃତି ପାଇବ ସେଥିପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳଉଥିବାର କୁହାଯାଉଛି ।

ଚଳିତ ବର୍ଷ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ନାମଲେଖା ହୋଇ ପାରିବା ନେଇ ଆଶଙ୍କା ଦେଖା ଦେଇଛି । ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍ ପାଇଁ ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

କୋଠା ନିର୍ମାଣ ଶେଷ କରିଥିଲେ ମଧ ସେଠାରେ ଆନୁଷଙ୍ଗିକ ସୁବିଧା ନ ଥିବାରୁ ସେଠାକୁ ବିଶ୍ୱ-ବିଦ୍ୟାଳୟ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇ ପାରୁ ନାହିଁ । ୨୦୧୫ ମେ ୧୦ ତାରିଖରେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)କୁ ଲୋକାର୍ପଣ କରିଥିଲେ । ଡିପ୍ଲୋମା ଓ ସାର୍ଟିଫିକେଟ୍ କୋର୍ସ ପାଇଁ ୟୁଜିସିର ଅନୁମତି ଆବଶ୍ୟକ ନ ଥିବାରୁ ପ୍ରଥମ ୨ ବର୍ଷ ଏହି ପାଠ୍ୟକ୍ରମରେ ବିଶ୍ୱ-ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ୨୦୧୭ ମସିହାରେ ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟକୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଲାଗି ଅନୁମତି ମିଳିଥିଲା । ୫ ବର୍ଷ ଅର୍ଥାତ ୨୦୨୨ ପର୍ଯ୍ୟନ୍ତ ସ୍ନାତକ ଓ ସ୍ନାତକୋତ୍ତରର ବିଭିନ୍ନ ପାଠ୍ୟକ୍ରମକୁ ଅନୁମତି ମିଳିଥିଲା । ରାଜ୍ୟରେ ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ ହୋଇଥିବାରୁ ଅଳ୍ପ ଦିନରେ ଅନେକ ସଫଳତା ବି ପାଇଥିଲା ।

ସାରା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ଏବେ ବିଶ୍ୱବିଦ୍ୟାଳୟରେ ୧୧ଟି ସ୍ନାତକ ଓ ୧୪ଟି ସ୍ନାତକୋତ୍ତର ପାଠ୍ୟକ୍ରମ ରହିଛି । ଗତ ୭ ବର୍ଷ ମଧରେ ସଫଳତା ମିଳିବା ସହ ପ୍ରାୟ ୪୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ବିଶ୍ୱବିଦ୍ୟାଳୟରୁ ପାସ୍ ହୋଇଥିଲେ । ଏମିତି କି, ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷାଧିକ ଛାତ୍ରଛାତ୍ରୀ ଏଥିରେ ନାମ ଲେଖାଇଛନ୍ତି । କିନ୍ତୁ ଶିକ୍ଷକ ଓ ଅଣ-ଶିକ୍ଷକ ଅଭାବ, ନିଜସ୍ୱ ଗୃହ ନଥିବାରୁ ନାକ୍ ସ୍ୱୀକୃତି ହରାଇବା ସହ ୟୁଜିସିର ଅନୁମତି ନାହିଁ । ଫଳରେ ଏବେ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇ ଯାଇଛି । ତେଣୁ ବିଶ୍ୱବିଦ୍ୟାଳୟ ଏକ ପ୍ରକାର ବନ୍ଦ ହୋଇ ଯାଇଥିବା କୁହାଯାଉଛି । କାରଣ କେବଳ ସାର୍ଟିଫିକେଟ୍ ଓ ଡିପ୍ଲୋମା କୋର୍ସରେ ଗୋଟିଏ ବିଶ୍ୱବିଦ୍ୟାଳୟ ଚଳାଇବା କଷ୍ଟକର ବ୍ୟାପାର ବୋଲି ଶିକ୍ଷାବିତ୍ କହିଛନ୍ତି । ତେଣୁ ଏହାକୁ ରାଜ୍ୟ ସରକାର ଜାଣିଶୁଣି ବନ୍ଦ କରିବାକୁ ଚାହୁଁଥିବା କୁହାଯାଉଛି । ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ୟୁଜିସିର ଅନୁମୋଦନ ପାଇଁ ପଦକ୍ଷେପ ନିଆଯାଉଛି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଇଲେ ଫ୍ରାନ୍ସର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ସାମରିକ ଓ ବେସାମରିକ ସମ୍ମାନ 'ଗ୍ରାଣ୍ଡ୍ କ୍ରସ ଅଫ୍ ଦି ଲିଜିଅନ୍ ଅଫ୍ ଅନର' ପ୍ରଦାନ କରାଯାଇଛି । ଏହି ସମ୍ମାନ ଲାଭ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ । ଅତୀତରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା, ୱେଲ୍ସର ତତ୍କାଳୀନ ପ୍ରିନ୍ସ କିଙ୍ଗ ଚାର୍ଲସ, ଜର୍ମାନୀର ପୂର୍ବତନ ଚାନସେଲର ଆଞ୍ଜେଲା ମର୍କେଲ, ଜାତିସଂଘର ପୂର୍ବତନ ମହାସଚିବ ବୁଟ୍ରସ ଘାଲି ପ୍ରମୁଖ ଖ୍ୟାତନାମା ବ୍ୟକ୍ତିଙ୍କୁ ଏହି ସମ୍ମାନ ମିଳିଛି । ଏହି ସମ୍ମାନ ପାଇବା ଫଳରେ ମୋଦୀଙ୍କ ଅନ୍ତର୍ଜାତୀୟ ସମ୍ମାନ ତାଲିକାରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ି ହୋଇଛି । ଚଳିତବର୍ଷ ଜୁନରେ ମୋଦୀ ଇଜିପ୍ଟର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ ଦି ନାଇଲ, ମେ' ରେ ପପୁଆ ନ୍ୟୁ ଗିନିର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ ଲୋଗୋହୁ ଏବଂ ଫିଜିର କମ୍ପାନିଅନ ଅଫ ଦି ଅର୍ଡର, ପଲାଉର ଇବାକଲ ଆୱାର୍ଡ ପାଇଛନ୍ତି । ପୂର୍ବରୁ ୨୦୨୧ରେ ଭୁଟାନର ଡ୍ରିକ ଗ୍ୟାଲପୋ, ୨୦୨୦ରେ ଆମେରିକାର ଲିଜିଅନ ଅଫ୍ ମେରିଟ, ୨୦୧୯ରେ ବାହାରିନର କିଙ୍ଗ୍ ହମାଦ ଅର୍ଡର ଅଫ୍ ଦି ରେନେସାଁ ସମ୍ମାନରେ ମୋଦୀ ସମ୍ମାନିତ ହୋଇଥିଲେ । ଏହାବ୍ୟତୀତ ଶ୍ରୀ ମୋଦୀ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପୁରସ୍କାର ମଧ ପାଇଛନ୍ତି ।



## ଏସ୍.ଏମ୍.ସିରେ ଯୋଗ ଦେଲେ ନୂଆ କମିଶନର ବେଦଭୂଷଣ



ସମ୍ବଲପୁର : ୨୦୨୦ ବ୍ୟାଚ୍‌ର ଆଇଏଏସ ଅଧିକାରୀ ବେଦ ଭୂଷଣ ସମ୍ବଲପୁର ମହାନଗର ନିଗମରେ ନୂଆ କମିଶନର ରୂପେ ଯୋଗ ଦେଇଛନ୍ତି । ପୂର୍ବତନ କମିଶନର ପ୍ରଦୀପ କୁମାର ସାହୁଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକର ସ୍ଥାୟୀ ବାସିନ୍ଦା ଶ୍ରୀ ଦେବଭୂଷଣ ଏହା ପୂର୍ବରୁ ଧର୍ମଗଡ ଉପଖଣ୍ଡର ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଆସୁଥିଲେ । ପୂର୍ବରୁ ଏଠାରେ ଥିବା ଏସ୍.ଏମ୍.ସି କମିଶନର ପ୍ରଦୀପ ସାହୁଙ୍କୁ ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି ।

## ଜିଏମ୍‌ୟୁ ଅଡିଟୋରିୟମ ଉଦ୍‌ଘାଟିତ

ସମ୍ବଲପୁର : ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ୟୁଆଲ୍ ମୋଡ୍‌ରେ ଏହାକୁ ଲୋକାର୍ପଣ କରିଛନ୍ତି । ୧୨ କୋଟି ୪୧ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅଡିଟୋରିୟମରେ ୧୨୦୦ ଆସନ ବ୍ୟବସ୍ଥା ରହିଛି । ସ୍ୱର୍ଗତ କିଶୋର ମହାନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଥିବାବେଳେ ପଶ୍ଚିମ ଓଡ଼ିଶାର ଏହି ସର୍ବବୃହତ୍ ପ୍ରେକ୍ଷାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼କ୍ଟର ସୁରେଶ ଚନ୍ଦ୍ର ଦଳେଇ, ଜିଲ୍ଲାପାଳ ଅନନ୍ୟା ଦାସ, କୁଳପତି ପ୍ରଫେସର ଏନ୍ ନାଗରାଜୁ, ଡବ୍ଲୁଓଡିସିର ବିଶେଷଜ୍ଞ ସଦସ୍ୟ ଯାଜ୍ଞସେନୀ ନାଗ, ଆଇଏସ୍ ପ୍ରୋବେସନ ସେହ୍ନା ଆର୍‌ଗୁଲା, କୁଳସଚିବ ଯୁଗଳେଶ୍ୱରୀ ଦାସ ଓ ଉପ କୁଳସଚିବ ଡ଼କ୍ଟର ଉମାଚରଣ ପତିଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧ କୋଟି ୬୫ ଲକ୍ଷ ୯୬ ହଜାର ୮୮୭ ଟଙ୍କା ବ୍ୟୟ ଅଟକଳରେ ତିଆରି ହୋଇଥିବା କୁଚିଣ୍ଡା ମହା-ବିଦ୍ୟାଳୟର ୪୫୦ସିଟ୍‌ବିଶିଷ୍ଟପ୍ରେକ୍ଷାଳୟର ଲୋକାର୍ପଣ କରିଥିଲେ । ସେହିପରି କୁଚିଣ୍ଡା ବ୍ଲକ କେଶେଇବାହାଲ ଠାରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ବହୁମୁଖୀ ହଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।






## ଏ ସଂଖ୍ୟାରେ..


ଭିଟାମିନ୍‌ରେ ଭରପୁର ପାଳଙ୍ଗ ଶାଗ


ପୋଷକତତ୍ତ୍ୱରେ ଭରପୂର କ୍ୟାପ୍‌ସିକମ୍


ତ୍ୱଚାର ଗ୍ଲୋ ବଢ଼ାଏ ଚିନାବାଦାମ


ହାଡ଼କୁ ମଜଭୁତ କରେ ଭିଟାମିନ୍


ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'


ପିଆଜର ଉପକାରିତା

# ସମ୍ବଲପୁର ପୂର୍ତ୍ତ ଡିଭିଜନରେ କର୍ମଚାରୀ ମରୁଡ଼ି

ସମ୍ବଲପୁର : ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧ରେ କର୍ମଚାରୀ ମରୁଡି ଦେଖାଦେଇଛି । ଏହି ଡିଭିଜନ ଅଧିନରେ ଥିବା ୩ ସବ୍‌ଡିଭିଜନ୍ ପାଇଁ ୯ ଜଣ କନିଷ୍ଠଯନ୍ତ୍ରୀ (ଜେଇ)ଙ୍କ ବଦଳରେ ମାତ୍ର ୪ ଜଣ ଅଛନ୍ତି । ଆଉ ସର୍କଲ୍ ଅଫିସ୍‌ରେ ୪ଟି କନିଷ୍ଠଯନ୍ତ୍ରୀ ପଦ ଥିଲେ ମଧ ଏଠାରେ ଜଣେ ହେଲେ ନିଯୁକ୍ତ ହୋଇ ନାହାନ୍ତି । କନିଷ୍ଠ ଯନ୍ତ୍ରୀଙ୍କ ଘୋର ଅଭାବ ରହିଥିବା ବେଳେ ବିଭାଗର ମୁଖ୍ୟ ପଦବୀ ମଧ ଉଧାରୀରେ ଚାଲିଛି । ତେଣୁ କୋଟି କୋଟି ଟଙ୍କାର କାମ କିଭଳି ହେଉଛି ସେନେଇ ଲୋକ ପ୍ରଶ୍ନ କରିଛନ୍ତି ।

ଗତ ମାର୍ଚ୍ଚ ୨୧ ତାରିଖରେ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧ର ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ କେଶରୀ ନାୟକଙ୍କୁ ନିଲମ୍ବନ କରାଯାଇଥିଲା । ତାଙ୍କ ବଦଳରେ ଅସ୍ଥାୟୀ ଭାବେ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୨ର ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ଲେଙ୍କାଙ୍କୁ ଏହି ଦାୟିତ୍ୱ ଦିଆଗଲା । ହେଲେ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧କୁ ଆଉ କାହାକୁ ନିଯୁକ୍ତ କରାଯାଇ ନଥିବାରୁ ଆଜି ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇ ଆସୁଛନ୍ତି । କାମର ଚାପ ଅଧିକ ହେଉଥିବାରୁ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍‌କୁ ଭାଗ କରି ୨ଟି ଡିଭିଜନ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା, ୨ ଡିଭିଜନ୍‌ରେ ଅଧିକ ଲୋକ ବଳ ରହିବା ସହ ୨ ଜଣ ବଡ଼ ଅଧିକାରୀ କାମକୁ ସହଜ କରିପାରିବେ । କିନ୍ତୁ ଏହା ଭିତରେ ୪ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧କୁ ଜଣେ ନିର୍ବାହୀଯନ୍ତ୍ରୀଙ୍କୁ ନିଯୁକ୍ତ କରାଗଲା ନାହିଁ । ପଦବୀ ଅନୁସାରେ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧ରେ ୩ ଜଣ ନିର୍ବାହୀଯନ୍ତ୍ରୀ ରହିବା କଥା । କିନ୍ତୁ ଅନ୍ୟ ଜଣଙ୍କୁ ଅତିରିକ୍ତ ଦାୟିତ୍ୱ ସରକାର ହାତ ଟେକି ଦେଇଛନ୍ତି । ଫଳରେ ଅନେକ ଅର୍ଥନୈତିକ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।

ତେବେ କେବଳ ବଡ଼ ଅଧିକାରୀ ନୁହନ୍ତି, ୩ ଡିଭିଜନରେ ଆବଶ୍ୟକୀୟ କନିଷ୍ଠଯନ୍ତ୍ରୀଙ୍କର ମଧ ଘୋର ଅଭାବ ରହିଛି । ସେମାନେ କ୍ଷେତ୍ର ପରିଦର୍ଶନ କରି କାମକୁ ସହଜ କରୁଥିବାରୁ ତାଙ୍କର ଆବଶ୍ୟକତା ଅଧିକ ରହିଛି । ହେଲେ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ୍-୧ରେ ଥିବା ୩ଟି ସବ୍‌ଡିଭିଜନ୍ ପାଇଁ ୯ଟି ପଦବୀରୁ ମାତ୍ର ୪ଟି ପୂରଣ ହୋଇଛି । ସେଥିରୁ ଜଣେ ଗତ ୩ ମାସ ହେଲା ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଅଛନ୍ତି । ସବ୍‌ଡିଭିଜନ୍-୧ରେ ଜଣେ, ସବ୍‌ଡିଭିଜନ୍-୨ରେ ୨ ଜଣ ଏବଂ ରେଢ଼ାଖୋଲ ସବ୍‌ଡିଭିଜନ୍‌ରେ ଏବେ ଜଣେ କାମ କରୁଛନ୍ତି । ସେହିଭଳି ସର୍କଲ୍ ଅଫିସ୍‌ରେ ୨ଟି ନିର୍ବାହୀଯନ୍ତ୍ରୀ ଓ ଗୋଟିଏ ଅତିରିକ୍ତ ନିର୍ବାହୀଯନ୍ତ୍ରୀ ପଦବୀ ଖାଲି ରହିଛି । ଏହାସହ କନିଷ୍ଠଯନ୍ତ୍ରୀ ପଦବୀ ୪ଟି ମଞ୍ଜୁର ଥିବାବେଳେ ଏଥିରେ ଜଣେ ହେଲେ ନାହାନ୍ତି । ଫଳରେ ଟେଣ୍ଡର କାମ ପାଇଁ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି ।

ସମ୍ବଲପୁର ପୂର୍ତ୍ତ ବିଭାଗର ଡିଭିଜନ୍-୧ଅଧୀନରେ ସହରର ଅନେକ ବଡ଼ ପ୍ରକଳ୍ପର କାମ ଚାଲିଛି । ଫ୍ଲାଏ ଓଭର୍‌ବ୍ରିଜ୍‌ଠାରୁ ନେଇ ସହରର ମୁଖ୍ୟ ରାସ୍ତା କାମ ଏହି ବିଭାଗର ଦାୟିତ୍ୱ । ହେଲେ କର୍ମଚାରୀ ଅଭାବରୁ ଅନେକ କାମ ଅଧାରେ ପଡିଛି । ଅଇଁଠାପାଲିରୁ ବୁଢ଼ାରଜା, ଧନୁପାଲିରୁ ଜେଲଛକ, ଭୂତାପଡ଼ାରୁ ଧନକଉଡ଼ା ରାସ୍ତା ଏବଂ ପାଞ୍ଚଗୋଛିଆରୁ ଠାକୁରପଡ଼ା ରାସ୍ତା କାମ ଶେଷ ହୋଇପାରୁନି । କାମ ଆଗକୁ ବଢ଼ିପାରୁନି । ତେଣୁ ସମସ୍ତ କନିଷ୍ଠଯନ୍ତ୍ରୀ ସହ ନିର୍ବାହୀଯନ୍ତ୍ରୀ ପଦବୀ ପୂରଣ ପାଇଁ ଶ୍ରମିକ ନେତା ଶ୍ରୀ ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି ।

# ରକ୍ଷାସୂତ୍ର ହାତର ନିର୍ଦ୍ଦିଷ୍ଟ ସ୍ଥାନରେ କାହିଁକି ବନ୍ଧାଯାଏ ?

**ବି**ଶେଷ ପୂଜା ଏବଂ ହୋମଯଜ୍ଞାଦି ଶେଷ ହେବା ପରେ ରକ୍ଷାସୂତ୍ରକୁ ହାତର କଚଟିରେ ବାନ୍ଧିବାର ବିଧି ରହିଛି । ବିଶେଷ ବ୍ରତ ପାଳନ ପରେ ମହିଳାମାନେ ବ୍ରତକୁ ବାହୁରେ ପିନ୍ଧିଥାନ୍ତି । ମୁନିଋଷିମାନେ ରୁଦ୍ରାକ୍ଷ ମାଳାକୁ କଚଟିରେ ଏବଂ ବାହୁରେ ପିନ୍ଧନ୍ତି । ପୂର୍ବରୁ ରାଜାମାନେ ମଧ ସୁନା ନିର୍ମିତ ମଣିବନ୍ଧ ଏବଂ ବାହୁବନ୍ଧ ପିନ୍ଧୁଥିଲେ । ଦେବଦେବୀଙ୍କ ପ୍ରତିମାରେ ମଧ ମଣିବନ୍ଧ କେବଳ ବାହୁରେ ହିଁ ଦେଖିବାକୁ ମିଳିଥାଏ । ଏ ସବୁକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ହାତର କେବଳ ଏହି ଦୁଇଟି ସ୍ଥାନରେ ହିଁ ରକ୍ଷାସୂତ୍ର ବା ବ୍ରତ ପିନ୍ଧାଯାଉଛି । କିନ୍ତୁ ହାତର ଅନ୍ୟ ସ୍ଥାନରେ କେବେ ମଧ ବ୍ରତ ପିନ୍ଧାଯାଏନି । ବ୍ରତ ବାହୁରୁ ଖସି କହୁଣିକୁ ଆସିବା ମଧ ଖରାପ ବୋଲି କୁହାଯାଏ । ତେବେ କେଉଁ କାରଣ ପାଇଁ ହାତର ଏହି ଦୁଇଟି ସ୍ଥାନରେ ହିଁ ବ୍ରତ ବା ରକ୍ଷାସୂତ୍ର ଧାରଣକୁ ଉତ୍ତମ ବୋଲି କୁହାଯାଉଛି । ଏହାର ବୈଦିକ କାରଣ ହେଉଛି, କଚଟିରେ ଏବଂ ବାହୁରେ ଏକ ବିଶେଷ ଚକ୍ରଶକ୍ତି ରହିଛି, ଯାହାକି ସମ୍ପୂର୍ଣ୍ଣ ଶରୀରକୁ ଶକ୍ତି ଯୋଗାଇଥାଏ । ଯେତେବେଳେ ରକ୍ଷାସୂତ୍ରକୁ ପୂଜାସ୍ଥାନରେ ରଖି ପୂଜା କରାଯାଏ, ସେଥିରେ ଈଶ୍ୱରୀୟ ଶକ୍ତି ସମ୍ମିଳିତ ହୋଇଥାଏ । ତେଣୁ ବ୍ରତ ବା ରକ୍ଷାସୂତ୍ରକୁ ଯଥାକ୍ରମେ ବାହୁ ଏବଂ କଚଟିରେ ପିନ୍ଧିବା ଦ୍ୱାରା ଉକ୍ତ ସ୍ଥାନରେ ଥିବା ଶକ୍ତି ଚକ୍ର ଜାଗ୍ରତ ହୁଏ । ଏହି ଶକ୍ତି ଚକ୍ର ସମ୍ପୂର୍ଣ୍ଣ ଶରୀରର ଶକ୍ତି ଚକ୍ରକୁ ଉର୍ଜା ପ୍ରଦାନ କରିଥାଏ । ଏହାଦ୍ୱାରା ମାନସିକ ଓ ଶାରୀରିକ ଶକ୍ତି ମିଳିଥାଏ । ତେଣୁ ଏହି ସୂତ୍ରକୁ ରକ୍ଷା ସୂତ୍ର ବୋଲି ମଧ କହିଥାନ୍ତି । କିନ୍ତୁ ଏହି ବୈଦିକ କାରଣ ପଛରେ ଥିବା ବିଜ୍ଞାନ ହେଉଛି, ହାତର କଚଟି ଏବଂ ବାହୁରେ ଏଭଳି କିଛି ଆକ୍ୟୁପ୍ରେସର୍ ପଏଣ୍ଟ ରହିଥାଏ, ଯାହାକି କି ହାତର ସ୍ନାୟୁଗୁଡ଼ିକ ସହିତ ଜଡ଼ିତ । ଏହି ପଏଣ୍ଟଗୁଡ଼ିକ ଉପରେ ଯେତେବେଳେ କୌଣସି ସୂତ୍ର ବା ମଣିବନ୍ଧ ଦ୍ୱାରା ଚାପ ପଡ଼େ, ସେତେବେଳେ ତାହା ଅଧିକ ସକ୍ରିୟ ହୁଏ । ହାତର ସ୍ନାୟୁଗୁଡ଼ିକ ସକ୍ରିୟ ହେବା ଫଳରେ ହାତର କାର୍ଯ୍ୟକ୍ଷମତା ମଧ ବଢ଼ିଥାଏ । ଅନ୍ୟପକ୍ଷରେ କଚଟି ଏବଂ ବାହୁରେ ଆଘାତ ଲାଗିଲେ, ଶରୀରର କାର୍ଯ୍ୟଦକ୍ଷତା କମିଯାଏ । ହାତ ଠିକ ଭାବେ କାର୍ଯ୍ୟ ନ କଲେ କୌଣସି କାମ କରିବାରେ ଅସୁବିଧା ହୁଏ । ତେଣୁ ଏହି ଦୁଇଟି ସ୍ଥାନକୁ ସବୁବେଳେ ସୁରକ୍ଷିତ କରି ରଖିବା ପାଇଁ ରାଜାମାନେ ଏବଂ ଯୋଦ୍ଧାମାନେ କଚଟି ଓ ବାହୁରେ ରକ୍ଷାକବଚ ପିନ୍ଧିଥାନ୍ତି । ଏହା ବ୍ୟତୀତ କଚଟିରେ ଥିବା ସ୍ନାୟୁ ଶରୀରର ରକ୍ତ ସଞ୍ଚାଳନ ସ୍ନାୟୁ ସହିତ ଜଡ଼ିତ । ଏହି ସ୍ନାୟୁ କଟିଗଲେ ବା ଆଘାତ ଲାଗିଲେ ଅଧିକ ରକ୍ତସ୍ରାବ ହୋଇଥାଏ । ତେଣୁ ଏହି ସ୍ଥାନକୁ ସୁରକ୍ଷା ଦେବା ଉଚିତ । କଚଟି ହିଁ ଶାରୀରିକ ସୁରକ୍ଷା ପ୍ରଦାନ କରୁଥିବାରୁ କଚଟିରେ ରକ୍ଷାସୂତ୍ର ପିନ୍ଧାଯାଇଥାଏ ।

# ଓଡ଼ିଶାରେ ସାମ୍ବାଦିକଙ୍କୁ ଆକ୍ରମଣ ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ସ**ର୍ବଭାରତୀୟସ୍ତରରେ ୨୦୨୨ରେ ସାମ୍ବାଦିକଙ୍କୁ ଆକ୍ରମଣ ତାଲିକାରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିବା ବିବରଣୀ ଉଦବେଗର କାରଣ । ନୂଆଦିଲ୍ଲୀର ଏକ ଚିନ୍ତନ ମଞ୍ଚ 'ରାଇଟସ ଏଣ୍ଡ ରିକ୍ସସ ଏନାଲିସିସ ଗ୍ରୁପ' ପକ୍ଷରୁ ୨୦୨୩ ଜୁନ ଶେଷ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟରେ ୨୦୨୨ରେ ଦେଶର ବିଭିନ୍ନ ପ୍ରାନ୍ତରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାବଳୀର ତଥ୍ୟ ଉପସ୍ଥାପନ କରାଯାଇଛି । ବର୍ଷକ ମଧରେ ଜାମ୍ମୁ ଓ କାଶ୍ମୀରରେ ୪୮ ଗୋଟି ଓ ତେଲେଙ୍ଗାନାରେ ୪୦ ଗୋଟି ଘଟଣା ସୂଚିତ ହୋଇଥିବା ସ୍ଥଳେ ଓଡ଼ିଶାରେ ୧୪ ଗୋଟି ଘଟଣା ସଂପର୍କରେ ଉଲ୍ଲେଖ କରାଯାଇଛି । ଓଡ଼ିଶା ତଳକୁ ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ପଶ୍ଚିମ ବଙ୍ଗର ସ୍ଥାନ ।

ଆମ ରାଜ୍ୟରେ ରୋହିତ ବିଶ୍ୱାଳ ନାମକ ଜଣେ ସାମ୍ବାଦିକ ସନ୍ଦିଗ୍ଧ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିଲେ । ଶୈଳେନ୍ଦ୍ର ନାଥ ଜେନା ଅଜ୍ଞାତ ଆତତାୟୀଙ୍କ ଦ୍ୱାରା ନିହତ ହୋଇଥିଲେ । ଲୋକନାଥ ଦଳେଇ, ଅଚ୍ୟୁତ ମହାନ୍ତି, ରାକେଶ ରାଉଳ ଓ ପ୍ରବୀଣ କୁମାରଙ୍କ ସହ ଅନ୍ୟ ଦୁଇ ଜଣ ମୋଟ ଛଅ ଜଣ ସାମ୍ବାଦିକ ପୋଲିସ ଆକ୍ରୋଶର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ସେହିପରି କାଳୁ ଚରଣ ସାହୁ, ପ୍ରଭାତ କୁମାର ଲେଙ୍କା ଓ ଅନ୍ୟ ଚାରି ଜଣ ମୋଟ ଛଅ ଜଣ ସାମ୍ବାଦିକ ଅଜଣା ଆତତାୟୀଙ୍କ ଦ୍ୱାରା ଆକ୍ରମଣ ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଥିଲେ ।

ସାଧାରଣରେ କ୍ଷମତାସୀନ ଓ ପୋଲିସଙ୍କ ଦ୍ୱାରା ସାମ୍ବାଦିକମାନଙ୍କୁ ସରକାର ବିରୋଧୀ ସମ୍ବାଦ ପରିବେଷଣରୁ କ୍ଷାନ୍ତ ରଖିବାଲାଗି ବଳ ପ୍ରୟୋଗ କରାଯାଉଥିବା ବିଶ୍ୱାସ କରାଯାଏ । କିନ୍ତୁ ଓଡ଼ିଶାରେ ପୋଲିସ ଦ୍ୱାରା ଛଅ ଜଣ ଉତ୍ପୀଡ଼ିତ ହୋଇଥିବା ସ୍ଥଳେ ବେସରକାରୀସ୍ତରରେ ଆଠ ଜଣ ଅକ୍ରମଣର ଶିକାର ହୋଇଥିଲେ । ଜଣେ ଉଗ୍ରବାଦୀ ଓ ଜଣେ ଅପରାଧୀଙ୍କ ହାତରେ ପ୍ରାଣ ହରାଇଥିଲେ । ସାମ୍ବାଦିକଙ୍କ ନିରପତ୍ତା ଦିଗରେ ଏହିଭଳି ତଥ୍ୟ ଚିନ୍ତାର ବିଷୟ । ସର୍ବଭାରତୀୟସ୍ତରରେ ମୋଟ ୯୧ ଜଣ ସାମ୍ବାଦିକ ରାଜନୀତିକ ନେତୃବର୍ଗ ଓ ଅପରାଧୀଙ୍କ ଦ୍ୱାରା ଆକ୍ରମଣ ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା । ସେଥିମଧରେ ସର୍ବାଧିକ ଓଡ଼ିଶା ଓ ଉତ୍ତରପ୍ରଦେଶରେ ପାଞ୍ଚ ଜଣ ଲେଖା ସାମିଲ ହୋଇଥିଲେ । ଜାତୀୟସ୍ତରରେ ବର୍ଷକ ମଧରେ ୧୫ ଜଣ ସାମ୍ବାଦିକଙ୍କୁ ପୋଲିସ ଦ୍ୱାରା ମାରପିଟ ଘଟଣା ପ୍ରକାଶିତ ହୋଇଥିବା ସ୍ଥଳେ ଓଡ଼ିଶାରେ ଚାରିଜଣ ପୋଲିସଠାରୁ ମାଡ଼ ଖାଇଥିବା ଅଭିଯୋଗ କରିଥିଲେ । ତେଲଙ୍ଗନାରେ ୪୦ ଜଣ, ଉତ୍ତର ପ୍ରଦେଶରେ ଛଅ ଜଣ, ଜାମ୍ମୁ ଓ କାଶ୍ମୀରରେ ଚାରିଜଣ, ମଧ ପ୍ରଦେଶରେ ତିନି ଜଣ, ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଣିପୁର ଓ ଓଡ଼ିଶାରେ ଦୁଇ ଜଣ ଲେଖା ଏବଂ ଆନ୍ଧ୍ର ପ୍ରଦେଶ, ଦିଲ୍ଲୀ, ତାମିଲନାଡୁ, ଉତ୍ତରାଖଣ୍ଡ ଓ ପଶ୍ଚିମ ବଙ୍ଗରେ ଜଣେ ଲେଖା ସାମ୍ବାଦିକ ପୋଲିସ ଦ୍ୱାରା ଗିରଫ ହୋଇଥିଲେ । ଓଡ଼ିଶାରେ ସାମ୍ବାଦିକଙ୍କୁ ଆକ୍ରମଣର ଉଲ୍ଲେଖନୀୟ ଉଦାହରଣରେ ୨୦୨୨ ଫେବୃୟାରୀ ମାସରେ ଗ୍ରାମପଞ୍ଚାୟତ ନିର୍ବାଚନ ଅବସରରେ ଯାଜପୁର ଜିଲ୍ଲାରେ ତିନି ଜଣ ସାମ୍ବାଦିକ ବିଂଝାରପୁର ବ୍ଲକର ବାଚଲା ପଞ୍ଚାୟତରେ ଦୁଇ ଭୋଟଗ୍ରହଣ ବୁଥ ଜବରଦଖଲ ଅଭିଯୋଗର ସତ୍ୟାସତ୍ୟ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଯିବାବେଳେ କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଆହତ ହୋଇଥିବା ଘଟଣା ସମଗ୍ର ରାଜ୍ୟରେ ଚହଳ ପକାଇଥିଲା । ଦେବାଶିଷ ସାହୁ, ଗୁଲଶନ ଅଲ୍ଲି ନୱାଜ ଓ ବିଜୟ ସାହୁ ଏସଂପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ସାମ୍ବାଦିକଙ୍କୁ ଆକ୍ରମଣର ଭିଡ଼ିଓ ସେମାନଙ୍କ ଗହଣରେ ଥିବା କ୍ୟାମରାମେନ ଆକ୍ରମଣକାରୀଙ୍କ ଅଲକ୍ଷ୍ୟରେ ଗାଡ଼ି ଭିତରେ ବସି ରେକର୍ଡ଼ କରିପାରିଥିବା ହେତୁ ଟେଲିଭିଜନ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ହୋଇଥିଲା । ଏଥି ପୂର୍ବରୁ ପୁରୀ ଜିଲ୍ଲା କଣାସ ବ୍ଲକ ବାଦଲ ପଞ୍ଚାୟତରେ ମଧ ଚାରି ଜଣ ସାମ୍ବାଦିକ ଅକ୍ରମଣ ଶିକାର ହୋଇଥିବା ଅଭିଯୋଗ ଆସିଥିଲା ।

ଅନ୍ୟ ଏକ ଘଟଣାକ୍ରମରେ ଏପ୍ରିଲ ମାସରେ ବାଲେଶ୍ୱରରେ ଅବସ୍ଥାପିତ ଏକ ଟେଲିଭିଜନ ଚ୍ୟାନେଲର ସାମ୍ବାଦିକ ଲୋକନାଥ ଦଳେଇ ନୀଳଗିରି ପୋଲିସ ଥାନାରେ ଏକ ସାମାନ୍ୟ ମଟର ସାଇକେଲ ଦୁର୍ଘଟଣା ପତ୍ରାଉତୁରା ପାଇଁ ପହଞ୍ଚିଥିବା ଅବସରରେ ଦୁର୍ବ୍ୟବହାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା । ପୋଲିସ ମାଡ଼ ମାରିଥିବା ଏବଂ ସାମ୍ବାଦିକ ଜଣକ ଧକ୍କାଖାଇ ଚଟାଣରେ ପଡ଼ି ସଂଜ୍ଞାହୀନ ହେବାପରେ ବାଲେଶ୍ୱର ହସପିଟାଲରେ ଚିକିତ୍ସା ସମୟରେ ଗୋଡ଼କୁ ଖଟିଆ ସହ ଚେ଼ନ ବନ୍ଧା ହୋଇଥିବା ବର୍ଣ୍ଣନା ସମ୍ବେଦନଶୀଳ ଘଟଣା ପାଲଟିଥିବା । ବିଶେଷକରି ଏହି ସଂପର୍କୀତ ଭିଡ଼ିଓ ଭାଇରଲ ହେବାପରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । 'ରାଇଟସ ଏଣ୍ଡ ରିକ୍ସସ ଏନାଲିସିସ ଗ୍ରୁପ' ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏହାର ପ୍ରକାଶିତ ରିପୋର୍ଟ ମୁଖ୍ୟତଃ ପ୍ରଭାବିତ ସାମ୍ବାଦିକଙ୍କ ଅଭିଯୋଗ ଓ ଗଣମାଧମରେ ପ୍ରକାଶିତ ବିବରଣୀ ଆଧାରିତ ହେବା ସ୍ୱାଭାବିକ । ଏହି କାରଣରୁ ଅଭିଯୋଗ ଦାଖଲ ହୋଇପାରିନଥିବା ବହୁ ଘଟଣା ଲୁକାୟିତ ରହିଯାଇଥାଇପାରେ କିମ୍ବା ମିଥ୍ୟା ଅଭିଯୋଗର ଅବକାଶ ମଧ ସମ୍ଭବ । ସରକାରୀସ୍ତରରେ ଏହି ତଥ୍ୟାବଳୀ ସମର୍ଥିତ ନହୋଇପାରେ । ତେବେ ମୋଟାମୋଟି ଭାବେ ସମକାଳୀନ ସାମାଜିକ ବ୍ୟବସ୍ଥାରେ ସାମ୍ବାଦିକଙ୍କ ସୁରକ୍ଷା ସଂପର୍କରେ ଚିତ୍ର ପ୍ରଦାନ କରୁଥିବା ବିଶ୍ୱାସ କରାଯାଇପାରେ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ ପାରମ୍ପରିକ ଗଣମାଧମ ମଞ୍ଚଗୁଡ଼ିକ ସହ ଅନଲାଇନ ଓ ସୋସିଆଲ ମିଡ଼ିଆରେ ସମ୍ବାଦ ପ୍ରସାରଣ ବ୍ୟାପ୍ତ ପରେ ସାମ୍ବାଦିକ କିଏ ? ସାମ୍ବାଦିକତା ନିମନ୍ତେ ସର୍ବନିମ୍ନ ଯୋଗ୍ୟତା କିମ୍ବା ପ୍ରକାଶନ ମଞ୍ଚର ଆଭିମୁଖ୍ୟ ନିର୍ଦ୍ଧାରଣର ବ୍ୟବସ୍ଥା ତ ନାହିଁ । ଭାରତୀୟ ସମ୍ବିଧାନରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପଭୋଗ କରିବା ନିମନ୍ତେ ସାଧାରଣ ନାଗରିକ ଓ ସାମ୍ବାଦିକଙ୍କ ମଧରେ କୌଣସି ତାରତମ୍ୟ ଉଲ୍ଲେଖ ନାହିଁ । ସେହି କାରଣରୁ ଆଇନତଃ ସାମ୍ବାଦିକ ଏକ ସାଧାରଣ ନାଗରିକ ଭାବେ ପରିଗଣିତ । ଏହି ପରିବେଶରେ ସାମ୍ବାଦିକଙ୍କୁ ଆକ୍ରମଣଜନିତ ଅପରାଧିକ ବର୍ଗୀକରଣ କେତେଦୂର ଯୁକ୍ତିଯୁକ୍ତ ?

'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟସ' ନାମକ ଆନ୍ତର୍ଜାତିକ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଡ଼ିସେମ୍ବର ପହିଲା ୨୦୨୨ ସୁଦ୍ଧା ବର୍ଷକ ମଧରେ ଭାରତରେ ୩୬୩ ଜଣ ସାମ୍ବାଦିକ ଅଭିବ୍ୟକ୍ତିରେ ସ୍ୱାଧୀନତା ହରାଇଥିବା ଅଭିଯୋଗ କରିଥିବା ଉଲ୍ଲେଖ କରାଯାଇଥିଲା । ପୂର୍ବ ବର୍ଷ ତୁଳନାରେ ଅଭିଯୋଗ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇଥିବା ଦର୍ଶାଯାଇଥିଲା । 'ରିପୋର୍ଟସ ଉଇଥ ଆଉଟ ବୋଡ଼ର୍ସ'ର ରିପୋର୍ଟ ଅନୁଯାୟୀ ଆନ୍ତର୍ଜାତିକସ୍ତରରେ ୨୦୨୨ରେ ବନ୍ଦୀ ସାମ୍ବାଦିକଙ୍କ ସଂଖ୍ୟା ୧୩ ପ୍ରତିଶତ ବୃଦ୍ଧି ପାଇଥିଲା । ମୋଟ ୫୩୩ ବନ୍ଦୀ ସାମ୍ବାଦିକଙ୍କ ମଧରେ ୭୮ ଜଣ ମହିଳା ସାମ୍ବାଦିକ ଅନ୍ତର୍ଭୁକ୍ତ । ୨୦୨୨ରେ ୫୭ ଜଣ ସାମ୍ବାଦିକ ବୃତ୍ତି କରଣରୁ ହତ୍ୟାର ଶିକାର ହୋଇଥିବା ସ୍ଥଳେ ୨୦୨୧ ତୁଳନାରେ ୧୮ ପ୍ରତିଶତ ବୃଦ୍ଧି ପାଇଥିଲା ।

'ୟୁନେସ୍କୋ' ପକ୍ଷରୁ ପ୍ରକାଶିତ ଏକ ଇସ୍ତାହାରରେ କୁହାଯାଇଛି ଯେ ୨୦୨୧-୨୨ ସୁଦ୍ଧା ସମଗ୍ର ବିଶ୍ୱରେ ସାମ୍ବାଦିକତା ଏକ ବିପଦପୂର୍ଣ୍ଣ ବୃତ୍ତି ରୂପେ ପରିଗଣିତ । ଦଶ ଜଣ ସାମ୍ବାଦିକ ହତ୍ୟାର ଶିକାର ହେଲେ ନଅ ଜଣଙ୍କ କ୍ଷେତ୍ରରେ ଅପରାଧ ବିଭିନ୍ନ କାରଣରୁ ପ୍ରମାଣିତ ହୋଇପାରେ ନାହିଁ । ଏହି ଉପପାଦ୍ୟ ସାମ୍ବାଦିକଙ୍କୁ ଆକ୍ରମଣରେ କ୍ଷେତ୍ରରେ ମଧ ସମଭାବେ ପ୍ରତିଫଳିତ ବିଚାର କରାଯାଇପାରେ । ସାଂବାଦିକଙ୍କ ଆକ୍ରମଣକାରୀ ସଂଖ୍ୟାଧିକସ୍ତରରେ ଦଣ୍ଡିତ ହୋଇପାରନ୍ତି ନାହିଁ । ସମ୍ବାଦ ମଞ୍ଚର ବ୍ୟାପ୍ତି ଓ ନାଗରିକ ସାମ୍ବାଦିକମାନଙ୍କ ଆବିର୍ଭାବ ଏହି ପରିବେଶକୁ ଆହୁରି ବିଷାକ୍ତ ଗଢ଼ି ତୋଳିବା ଆଶଙ୍କା ଅମୂଳକ ନୁହେଁ ।

# ଅନ୍ୟର ଖୁସୀରେ ଆନନ୍ଦ ପ୍ରାପ୍ତ ହେବା ପ୍ରକୃତ ଖୁସୀ

**ଅ**ନ୍ୟକୁ ଖୁସି କରିବାର ସାମର୍ଥ୍ୟ ହେଉଛି ସଫଳତାର ମୂଲ୍ୟବାନ ସମ୍ପତ୍ତି । ଆମ୍ଭମାନଙ୍କୁ ଅମାପ ସମ୍ପରି ଯେଉଁ ସୁଖ ସମୃଦ୍ଧି ଦେଇ ନ ପାରିବ ତାହା ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ସେ ଆନନ୍ଦ ଆମେ ପ୍ରାପ୍ତ ହୋଇପାରିବା ।ଲର୍ଡ ଚେଷ୍ଟର ଫିଲ୍ଡ କୁହନ୍ତି, 'ଅନ୍ୟକୁ ଖୁସି କରିବା ଏକ ଉପହାର ଏବଂ ଏହା ଏକ ବିରାଟ ସାମାଜିକ ଗୁଣ ।' ଡକ୍ଟର ଚାର୍ଲସ ଆକେଡ୍ ମଧ କହିଛନ୍ତି, ଯଦି ତୁମେ ଧନୀ ନୁହଁ, ତେବେ ଅନ୍ୟର ସମ୍ପରି ଦେଖି ଆନନ୍ଦିତ ହୁଅ, ଯଦି ତୁମର ପ୍ରତିଭା ନାହିଁ, ଦେଖିବ ଯେ ଅତି ଆଶ୍ଚର୍ଯ୍ୟ ଜନକ ଭାବରେ ତୁମେ, ଅନ୍ୟର ପ୍ରତିଭା ଦେଖି ଖୁସି ହେବ ।

ଆୟର୍ଲାଣ୍ଡସ୍‌ର ପ୍ରସିଦ୍ଧ କବି ଗୋଲ୍ଡ଼ ସ୍ମିଥ୍ ତାଙ୍କ ବହି 'ପୃଥିବୀର ନାଗରିକ'ରେ ଲେଖିଛନ୍ତି ଯେ ଚାଇନା ଦେଶର ଜଣେ ରାଜ କର୍ମଚାରୀ ହୀରା ଅଳଙ୍କାରରେ ସଜ୍ଜିତ ହୋଇ ଗୋଟେ ଜନଗହଳି ସ୍ଥାନରେ ପହଞ୍ଚିଲେ । ଗହଳି ଭିତରୁ ତାଙ୍କର ଚକ୍‌ଚକ୍ କରୁଥିବା ହୀରାର ଭୂଷଣ ଦେଖି ଜଣେ ତାଙ୍କୁ ଖୁବ୍ ପ୍ରଶଂସା କଲେ । ସେହି ସମୟରେ ମାଗାସିନ ନାମକ ଜଣେ ରାଜକର୍ମଚାରୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ 'ମୁଁ ତୁମକୁ ମୋ ହୀରା ଅଳଙ୍କାରରୁ ଗୋଟିଏ ବି ଦେଇନାହିଁ, ଅଥଚ ତୁମେ ଏତେ ଖୁସି ହୋଇ ମୋତେ ପ୍ରଶଂସା କରୁଛ କାହିଁକି ? ଲୋକଟି ଉତ୍ତରରେ କହିଲା, "ତୁମେ ଯେ ମୋତେ ତୁମର ସେହି ଅଳଙ୍କାର ଓ ତୁମର ତଜ୍ଜନିତ ସୁନ୍ଦର ରୂପକୁ ମୋତେ ଦେଖିବାକୁ ସୁଯୋଗ ଦେଇଛ, ଏହା କ'ଣ ମୋ ପାଇଁ କମ୍ କି ? ଅଳଙ୍କାର ତୁମର । ତାହା ମୋର ନୁହେଁ, ମାତ୍ର ତୁମର ସେହି ଅଳଙ୍କାର ଭୂଷିତ ଚେହେରାକୁ ଦେଖି ମୁଁ ଯେଉଁ ଆନନ୍ଦ ଅନୁଭବ କରୁଛି, ତାହା ଅବର୍ଣ୍ଣନୀୟ । ତୁମ ଓ ମୋ ଭିତରେ ପାର୍ଥକ୍ୟ ହେଲା ଯେ ତୁମେ ଖୁସି ନାହଁ, ମାତ୍ର ମୁଁ ଖୁସି ଅଛି । ତୁମର ଐଶ୍ୱର୍ଯ୍ୟ ଦେଖାଇବାରେ ଅହମିକା ଅଛି, ମୋର ଅନ୍ୟର ଐଶ୍ୱର୍ଯ୍ୟ ଦେଖି ଆନନ୍ଦ ପ୍ରାପ୍ତିର ମନ ଅଛି ।'

ସେହିପରି ଆମେରିକାର ପ୍ରସିଦ୍ଧ କବି ଓ ସାହିତ୍ୟିକ ୱାଶିଂଟନ ଉଇଭିଙ୍ଗ୍ ଫ୍ରାନ୍ସର ଜଣେ ଦୁର୍ଗପତିଙ୍କ କଥା ଲେଖିଛନ୍ତି । ଦୁର୍ଗପତିଙ୍କ ବିରାଟ ପ୍ରାସାଦ ଯେତେବେଳେ ନଷ୍ଟ ହୋଇଥିଲା ସେତେବେଳେ ସେ ଦୁଃଖ ପ୍ରକାଶ କରି ନ ଥିଲେ । ବରଂ କହିଥିଲେ 'ଇସେନବର୍ଗ ପରି ଆଶ୍ରୟ ସ୍ଥଳ ତ ଅଛି, ସେଣ୍ଟ କ୍ଲାଉଡ୍ ଚର୍ଚ୍ଚିତ ଅଛି ।' ଆହୁରି କହିଥିଲେ ଯେ, ସେ ଯେତେବେଳେ ସୁନ୍ଦର ବଗିଚା ଦେଇ ଯାଆନ୍ତି ବଗିଚା ମାଲିକଙ୍କୁ ପ୍ରଶଂସା କରି ଖୁସିରେ ଫାଟିପଡ଼ନ୍ତି । ସେ ଯୁକ୍ତି ବାଢ଼ନ୍ତି ଯେ ବଗିଚା ଯଦି ଧନୀଙ୍କର ତା'ର ସୌନ୍ଦର୍ଯ୍ୟ ଆମର କାହିଁକି ନ ହେବ ? ବୃକ୍ଷଲତାର ସୌନ୍ଦର୍ଯ୍ୟ, ସବୁଜ ଘାସ, ଗଛରେ ଫୁଟୁଥିବା ଫୁଲ – ଏସବୁକୁ ସେ ନିଜର ବୋଲି ଭାବନ୍ତି । ପ୍ରକୃତରେ ସବୁ ସ୍ଥଳରୁ ଆନନ୍ଦ ପାଇବାର କ୍ଷମତା ହେଉଛି ସର୍ବଶକ୍ତିମାନ ଈଶ୍ୱରଙ୍କ ଦାନ । ଏହା ଆମ କ୍ଷୁଦ୍ର ଜୀବନକୁ ବିଶାଳ କରେ, ଅଭିଜ୍ଞତାକୁ ବଢ଼ାଏ । ଚରିତ୍ରର ସର୍ବାଙ୍ଗୀନ ଉନ୍ନତି ସାଧନ କରେ ।

ସମାଜରେ ଏଭଳି ଅନେକ କ୍ଷମତାଶାଳୀ ଲୋକ ଅଛନ୍ତି, ଯେଉଁମାନେ କ୍ଷମତା ବଳରେ ଏତେ ସ୍ୱାର୍ଥପର, କୃପଣ, ଅସହିଷ୍ଣୁ, ଧର୍ମାନ୍ଧ, ସନ୍ଦେହୀ ହୋଇ ପଡ଼ିଛନ୍ତିଯେ ସେମାନେ କେବେହେଲେ ହୃଦୟ ଖୋଲି କାହା ସହିତ କଥାବାର୍ତ୍ତା କରିପାରନ୍ତି ନାହିଁ କି ଅନ୍ୟକୁ ଭଲ ପାଇ ପାରନ୍ତି ନାହିଁ । ତାଙ୍କ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିପାରନ୍ତି ନାହିଁ । ସେଥିପାଇଁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ କହିଥିଲେ, କ୍ଷମତା ବଳରେ ଅନ୍ୟକୁ ଶାସନ କରି ଅନ୍ୟକୁ ଅପମାନିତ କରି କେହି କେବେ ଆନନ୍ଦପ୍ରାପ୍ତ କରିପାରିବେ ନାହିଁ । ଅନ୍ୟକୁ ଆନନ୍ଦ ଦେଲେ ହିଁ ଆମକୁ ଆନନ୍ଦ ମିଳିବ । ଆନ୍ତରିକତାର ସହ ନିଜର ଧର୍ମ ଓ କର୍ତ୍ତବ୍ୟ ସଂପାଦନ କରିବା ବ୍ୟକ୍ତି ସୁଖର ସନ୍ଧାନ କରେ ନାହିଁ, ବରଂ ସୁଖ ଓ ସମୃଦ୍ଧି ତା' ପଛରେ ଧାଉଁଥାଏ । କିନ୍ତୁ ଯେଉଁମାନେ ଅନ୍ୟ ପ୍ରତି ଈର୍ଷାପରାୟଣ ହୋଇ ହିଂସାର ଆଚରଣ କରନ୍ତି, ସେଭଳି ଚରିତ୍ରମାନେ ସବୁବେଳେ ନିରସ ଓ ଶୁଷ୍କ ଜୀବନଧାରଣ କରିଥା'ନ୍ତି । ନିଃସ୍ୱାର୍ଥପର ଏବଂ ବିଶାଳ - ହୃଦୟ ହେଲେ ହେଁ ପ୍ରକୃତ ସୁଖକୁ ଓ ସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବା । ଯଦିଓ ଆମେ ସହରର ସୁନ୍ଦର ପାର୍କ, ଗ୍ୟାଲେରିର ଚିତ୍ର, ବଡ଼ ବଡ଼ ପ୍ରାସାଦ, ସୁନ୍ଦର ପର୍ବତ, ବହି ଯାଉଥିବା ନଦୀ, ଫୁଲ-ଫଳ ଭରା ବୃକ୍ଷର ମାଲିକ ନୁହେଁ, ତଥାପି ଏସବୁ ଦେଖି ଆମେ ଖୁସି ଓ ଆନନ୍ଦ ହେବା ଆବଶ୍ୟକ । ଯିଏ ଅନ୍ୟର ସୌନ୍ଦର୍ଯ୍ୟରେ ବା ଅନ୍ୟର ଖୁସିରେ ଆନନ୍ଦପ୍ରାପ୍ତ ହୁଏ, ତାହା ହିଁ ପ୍ରକୃତ ଖୁସି ପାଇବାର ରହସ୍ୟ ।

# ଅହଂକାର ନକାରାତ୍ମକ ମନସ୍ତାତ୍ତ୍ୱିକ ଅବସ୍ଥା

**ଚା**ଣକ୍ୟଙ୍କ ମତରେ ଧନୀଲୋକ ଅହଂକାରୀ ନ ହେବା କ୍ୱଚିତ ଦେଖାଯାଏ । ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଜ୍ଞାନୀ କିମ୍ବା ଶକ୍ତିଶାଳୀ ବୋଲି ମନେକରୁଥିବା ଲୋକେ ମଧ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ତେବେ, ସମ୍ଭବତଃ ଅହଂକାର ଏକ ସହଜାତ ପ୍ରବୃତ୍ତି- କାହାଠାରେ ଏହା କମ୍ ତ ଆଉ କାହାଠାରେ ଅଧିକ ରୂପେ ପ୍ରକଟିତ ହୁଏ ।

ଆଧୁନିକ ମନବିଜ୍ଞାନର ଜନକ ରୂପେ ପରିଗଣିତ ଊନବିଂଶ ଶତାବ୍ଦୀର ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ ସିଗ୍‌ମଣ୍ଡ ଫ୍ରଏଡ୍ ଜନ୍ମଗତ ପ୍ରବୃତ୍ତିଗୁଡ଼ିକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିଥିଲେ- ପ୍ରାଥମିକ ବା ସଚେତନ ଏବଂ ଦ୍ୱିତୀୟକ ବା ନିଶ୍ଚେତନ । ସେ ନିଶ୍ଚେତନ ମନକୁ ଅହଂକାର ଭଳି ଆଚରଣମାନଙ୍କ ସହ ସଂଯୁକ୍ତ କରିବା ଲାଗି ଉଦ୍ୟମ କରିଥିଲେ ବୋଲି କୁହାଯାଏ । ଏଣୁ ବୟଲର୍ କଲେଜ ଅଫ୍ ମେଡ଼ିସିନ୍ ଠାରେ କାର୍ଯ୍ୟରତ ଆମେରିକୀୟ ମନସ୍ତତ୍ତ୍ୱବିତ୍ ସଂଘର ଅଧକ୍ଷ ଜନ୍.ଏମ୍.ଓଲ୍ ଧାମ ବଢ଼ିବଢ଼ି ଚାଲିଥିବା ନିଜ ପ୍ରତି ସଚେତନତା ବା ଅହଂକାର ଜନିତ ବ୍ୟକ୍ତିତ୍ୱ ତ୍ରୁଟିର ଚିକିତ୍ସାଲାଗି ନୂତନ ବ୍ୟବସ୍ଥାମାନର ବିକାଶ କରୁଛନ୍ତି ।

ଅହଂକାରର ମସ୍ତିଷ୍କ ଏବଂ ସ୍ନାୟୁବ୍ୟବସ୍ଥା ସହିତ ସଂପୃକ୍ତି ଥିବାର ସମ୍ଭାବନା ସପକ୍ଷରେ ମତ ଦିଅନ୍ତି ନିୟୁର୍କ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ଯୋଶେଫ୍ ଲେଡୋଭିକସ୍ । ଏହାକୁ ସେ ଅତ୍ୟଧିକ ଆତ୍ମ-ସଚେତନତାର ଏକ ରୂପବୋଲି ମନେକରନ୍ତି । ଅନ୍ୟକିଛି ଗବେଷକଙ୍କ ମତରେ ମସ୍ତିଷ୍କର ଉଚ୍ଚତର ଜନ୍ମଗତ କ୍ରିୟାକଳାପର ପ୍ରକ୍ରିୟାକରଣ କରୁଥିବା 'ଫ୍ରଣ୍ଟାଲ୍‌ଲୋବ୍' (ସମ୍ମୁଖଖଣ୍ଡ) ର ଏକ ଅଂଶବିଶେଷ ହୋଇଥିବା 'ମେଡ଼ିଆଲ୍ ଫ୍ରଣ୍ଟାଲ୍ କୋରଟେକ୍‌ସ' (ମଧାଭିମୁଖୀ ସମ୍ମୁଖ ଅଧାଂଶ) ସହିତ ଏହାର ସମ୍ପର୍କ ରହିଛି । ଏହି ଅକ୍ଷାଂଶଟି ମସ୍ତିଷ୍କର 'ବିଚ୍ୟୁତିରୀତି'ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ । ୱାଶିଂଟନ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ସ୍ନାୟୁବିଜ୍ଞାନୀ ମାରକସ୍ ଇ.ରାଇଚଲେ ଏ ବିଷୟରେ ପ୍ରଥମ ସୂଚନା ଦେଇଥିଲେ ୨୦୦୧ ମସିହାରେ । ତାଙ୍କ ମତରେ ସମ୍ଭବତଃ ଏହି 'ବିଚ୍ୟୁତିରୀତି' ଅବସ୍ଥା କ୍ରିୟାକଳାପ ହେଉଛି ଅତ୍ୟଧିକ ଆତ୍ମ-ସଚେତନତା ସ୍ନାୟୁ ବିଜ୍ଞାନର ଚାବିକାଠି । ଏପରିସ୍ଥଳେ ଏହାକୁ ଅହଂକାର ବୋଲି କୁହାଯାଇ ପାରିବ କି ? ଇଂପେରିଆଲ କଲେଜ୍, ଲଣ୍ଡନର ରବିନ୍ ଚାର୍‌ହାର୍ଟ-ହରିଶ୍ ଏବଂ କାର୍‌ଲ ଫିଷ୍ଟନ ଏହି ପ୍ରଶ୍ନ ଉପରେ ଅଧୟନ ଚଳାଇ ୨୦୧୦ ମସିହାରେ ଗବେଷଣାପତ୍ରିକା 'ଦ' ବ୍ରେନ୍'ରେ ସୂଚିତ କରିଥିଲେ ଯେ ଫ୍ରଏଡ୍‌ଙ୍କ ପ୍ରାଥମିକ ଏବଂ ଦ୍ୱିତୀୟକ (ଅହଂକାର) ଜନ୍ମଗତ ପ୍ରକ୍ରିୟାମାନ ଆଧୁନିକ ଧାରଣା ଏବଂ ମସ୍ତିଷ୍କ ସମ୍ପର୍କୀୟ ମତବାଦ ସହିତ ସହଜରେ ଖାପଖୁଆଇ ପାରିବେ । ତଦନୁଯାୟୀ ଅଧରାଂଶ 'ଚିନ୍ତନ' (କୋର୍ଟିକାଲ୍ ଥିଙ୍କିଙ୍ଗ୍) ହେଉଛି ମସ୍ତିଷ୍କର ଉଚ୍ଚତର ଅନୁକ୍ରମ ଏବଂ ସେଥିପାଇଁ ଏହା ଅବ୍-ଅଧାଂଶ 'ଆଦିମ ମସ୍ତିଷ୍କ' (ପ୍ରିମିଟିଭ୍ ବ୍ରେନ୍) କୁ ନିୟନ୍ତ୍ରଣ କରିଥାଏ ।

ଅହଂକାର, ଅର୍ଥାତ୍ ଆତ୍ମବଡ଼ିମାର ସ୍ନାୟୁ ବିଜ୍ଞାନ ଦିଗକୁ ମଧ ମନସ୍ତାତ୍ତ୍ୱିକ ନିଦାନତତ୍ତ୍ୱ ଅନୁସାରେ ଦେଖିହେବ । ଏହାକୁ ପ୍ରଭାବିତ କରୁଥିବା ଅନେକ ଅବ୍ୟବସ୍ଥା ବା ତ୍ରୁଟି ରହିଛି । ଓଲ୍‌ଧାମ୍‌ଙ୍କ ମତରେ ଆତ୍ମ ଅନୁରାଗ ପ୍ରବଣ ବ୍ୟକ୍ତିତ୍ୱ ତ୍ରୁଟିର ଅନ୍ୟତମ ଲକ୍ଷଣ ହେଲା ଆତ୍ମ- ବଡ଼ିମାର ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନ । ଏଥିରେ ବ୍ୟକ୍ତିଟି ଏତେ ମଜ୍ଜି ରହେ ଯେ' ଅନ୍ୟମାନଙ୍କ ଦୃଷ୍ଟିକୋଣରୁ କୌଣସି କଥା ଦେଖିବାର ସାମର୍ଥ ହରାଇଦିଏ । ସେହିପରି ଦ୍ୱି-ମେରୁୟ ତ୍ରୁଟିର ଉନ୍ମତ୍ତ ପର୍ଯ୍ୟାୟ ଅଧିକାଂଶ ସମୟରେ ଆଡ଼ମ୍ବର ପ୍ରକଟ ଦ୍ୱାରା ସୂଚିତ ହୋଇଥାଏ । ଅହଂକାରର ଏହା ଗୋଟିଏଗୋଟିଏ ରୂପ । ଯାହାକି ଅତ୍ୟଧିକ ଆତ୍ମାନୁରାଗରୁ ସୃଷ୍ଟି ।

ଅହଂକାର ତଥା ଅନ୍ୟାନ୍ୟ ମନସ୍ତାତ୍ତ୍ୱିକ ନିଦାନୀୟ ଆଚରଣ ଭଳି ସମସ୍ତ ବ୍ୟକ୍ତିତ୍ୱ ବୈଶିଷ୍ଟ୍ୟମାନ ଏକ ନିରବଚ୍ଛିନ୍ନ ଆକାରରେ ରହେ । ଏହା ଉଭୟ ଆମ ଜିନ୍ ଏବଂ ପରିବେଶର ପ୍ରଭାବ ସହିତ ସଂପୃକ୍ତ । ତେବେ, ଏଥି ସମ୍ପର୍କରେ ଅଧୟନ ତଥା ତାହାକୁ ବୁଝିବା ଏବେ ଅତ୍ୟନ୍ତ ଶୈଶବାବସ୍ଥାରେ ଅଛି । ଅଧିକ ଗବେଷଣା ହିଁ ଏହା ଉପରେ ନିର୍ଦ୍ଦିଷ୍ଟ ରୂପେ ଆଲୋକପାତ କରିବ ବୋଲି ମତ ଦିଅନ୍ତି ଅନେକ ବୈଜ୍ଞାନିକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ଅହଂକାର ସହିତ ମସ୍ତିଷ୍କର ପ୍ରତ୍ୟକ୍ଷ ସଂପୃକ୍ତି କିଛିମାତ୍ରାରେ ନିର୍ଦ୍ଧାରିତ ହୋଇଛି ତଦନୁଯାୟୀ ଏହାର 'ଆଣ୍ଟେରିଅର୍ ସିଙ୍ଗୁଲାର୍ କୋର୍‌ଟେକସ୍' ଏବଂ 'ଫ୍ରଣ୍ଟାଲ୍ ଇନସୁଲାର୍ କୋର୍‌ଟେକସ୍'ରେ ହିଁ ତାହା ଅବସ୍ଥାନ କରିଥାଏ ।

ଅହଂକାର ହେଉଛି ଏକ ନକାରାତ୍ମକ ମନସ୍ତାତ୍ତ୍ୱିକ ଅବସ୍ଥା, ଯାହାକି ସ୍ୱପରିଚୟ ସହିତ ଅତ୍ୟଧିକ ମଜ୍ଜି ରହିବା ହେତୁ ସୃଷ୍ଟି ହୋଇଥାଏ । ଏହା ଭିନ୍ନଭିନ୍ନ ଲୋକଙ୍କଠାରେ ଭିନ୍ନଭିନ୍ନ ରୂପେ ପ୍ରକଟିତ ହୁଏ । ଅଧିକାଂଶ ସମୟରେ ଏହି ମନସ୍ତାତ୍ତ୍ୱିକ ଅସ୍ୱାଭାବିକତା ଭୟାବହ ପରିଣାମ ମାନ ସୃଷ୍ଟି କରିଥାଏ- ଦୁର୍ଯ୍ୟୋଧନଙ୍କ କୁରୁକ୍ଷେତ୍ର, ହିଟଲରଙ୍କ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ବର୍ତ୍ତମାନ ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣକୁ ଏହାର ଗୋଟିଏଗୋଟିଏ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ । ଏପରିସ୍ଥଳେ, ଏହାର ନିୟନ୍ତ୍ରଣ ଲାଗି ଓଲଧମଙ୍କ ଭଳି ଚିକିତ୍ସା ବ୍ୟବସ୍ଥାର ନାନା ଦିଗରୁ ବିକାଶ ଘଟାଇବା ସହିତ ଶିକ୍ଷା ଓ ସାମାଜିକ ଜୀବନରେ ଆବଶ୍ୟକ ପରିବର୍ତ୍ତନ ଦିଗରେ ଧାନ ଦିଆଯିବା ଦରକାର ।

# ପୋଷକତତ୍ତ୍ୱରେ ଭରପୂର କ୍ୟାପ୍‌ସିକମ୍

**ଶ**ରୀରକୁ ସୁସ୍ଥ ରଖିବା ଲାଗି କେତେକ ପୋଷକତତ୍ତ୍ୱ ଏବଂ ଭିଟାମିନ୍‌ର ଆବଶ୍ୟକ ରହିଥାଏ । ଏଥିପାଇଁ ଆପଣଙ୍କୁ ଖାଦ୍ୟରେ ଫଳ ଏବଂ ପନିପରିବାକୁ ସାମିଲ୍ କରିବା ଆବଶ୍ୟକ । କ୍ୟାପ୍‌ସିକମ୍ ଏପରି ଏକ ପରିବା ଯେଉଁଥିରେ ପୋଷକତତ୍ତ୍ୱ ଭରି ହୋଇ ରହିଛି । ଯାହାକୁ ଆପଣ ସାଲାଡ, ବିଭିନ୍ନ ତରକାରି ଏବଂ ଫାଷ୍ଟଫୁଡ୍ ଆଦି ଖାଦ୍ୟରେ ଉପଯୋଗ କରି ଏହାକୁ ଖାଇପାରିବେ । ଏହା ମଧ କେତେକ ରୋଗରୁ ଉପଶମ ଦେଇଥାଏ । ଏହା ପାଚନ କ୍ରିୟାକୁ ସହଜ କରିଥାଏ । ହେଲଥ୍‌ଲାଇନ୍ ଅନୁଯାୟୀ ସବୁଜ ଶିମ୍‌ଲା ମିର୍ଚ୍ଚରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ କେ, ପଟାସିୟମ୍, କ୍ୟାଲୋରୀ, ପ୍ରୋଟିନ୍, ଫାଇବର ଭଳି ପୋଷକତତ୍ତ୍ୱ ମିଳିଥାଏ । ଏହା ପେଟ ଏବଂ ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ । ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ଏହା ସାହାଯ୍ୟ କରିଥାଏ । ଏହା ମେଟାବୋଲିଜମ୍‌କୁ ବୃଷ୍ଟ କରିଥାଏ । ଏହାକୁ ପ୍ରତିଦିନ ଆପଣ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ନିଜ ଓଜନକୁ କଣ୍ଟ୍ରୋଲରେ ରଖିପାରିବେ ।



# ଚିନ୍ତାଗ୍ରସ୍ତ ରହିଲେ ହେବ ହାର୍ଟ ଆଟାକ୍

**ଆ**ଜିର ବଦଳୁଥିବା ଲାଇଫ୍‌ଷ୍ଟାଇଲ୍ ଏବଂ ଖାଦ୍ୟପେୟ ହାର୍ଟ ଆଟାକ୍ ସମସ୍ୟା ଦେଖା ଦେବାର ପ୍ରମୁଖ କାରଣ । କାର୍ଡିଓଲୋଜିଷ୍ଟଙ୍କ ମତରେ ଏବେ କେବଳ ବୟସ୍କମାନେ ନୁହନ୍ତି ଯୁବପିଢ଼ି ମଧ ହାର୍ଟଆଟାକ୍‌ର ଶିକାର ହେଉଥିବାର ଦେଖିବାକୁ ମିଳୁଛି । କେତେକଙ୍କୁ ହସ୍ପିଟାଲ ନିଆଯିବା ସମୟରେ ମୃତ୍ୟୁ ହେଉଥିବା ବେଳେ ଆଉ କେତେକଙ୍କ ମୃତ୍ୟୁ ହସ୍ପିଟାଲରେ ମଧ ହେଉଛି । ତେବେ ଦୀର୍ଘ ସମୟ ମୋବାଇଲ୍ ବ୍ୟବହାର ଯୋଗୁଁ ଠିକ୍ ଭାବେ ନ ଶୋଇବା, ଅସନ୍ତୁଳିତ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା, ଆଦୌ ଶାରୀରିକ ପରିଶ୍ରମ ନ କରିବା କିମ୍ବା ଅତ୍ୟଧିକ ଏକ୍ସରସାଇଜ୍ କରିବା ଓ ସର୍ବୋପରି ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ବା ଅବସାଦରେ ରହିବା ବର୍ତ୍ତମାନ ହାର୍ଟଆଟାକ୍‌ର ପ୍ରମୁଖ କାରଣ ହୋଇପାରେ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି ।

## ଆଜିର ଚିନ୍ତନ

ଭାରତୀୟ ଦର୍ଶନ କହେ- ଜନ୍ମ ମୃତ୍ୟୁର ସୀମିତ ପରିଧି ଭିତରେ ଜୀବନକୁ ଖୋଜାଯାଏନି । ମୃତ୍ୟୁ ପାଖରେ ଅଟକି ଯାଏନି ଜୀବନ । ନୂଆ ଶରୀରରେ ପ୍ରାଣପକ୍ଷୀ ନୂଆ ଅଭିନୟ ପାଇଁ ସଜବାଜ ହୁଏ । ପ୍ରକୃତପକ୍ଷେ କହିବାକୁ ଗଲେ ଜୀବନ ହେଉଛି ବହୁ ବିରୋଧାତ୍ମକ ଇତିବୃତ୍ତର ସମାହାର । କେତେବେଳେ ଦୟା, କ୍ଷମାର ପ୍ରତିଭୂତ ଅନ୍ୟ କେତେବେଳେ ସେ ଶୁଦ୍ଧ ପବିତ୍ର ତପସ୍ୱୀ ରୂପରେ ମହିମାନ୍ୱିତ । ମନେହୁଏ, ସବୁ ଯେମିତି ଜନ୍ମ ଜନ୍ମାନ୍ତରର କର୍ମଫଳ । ଇହକାଳ ଓ ପରକାଳର ସମାହାରରେ ସମୟ ଗଡ଼ିଚାଲେ ମହାକାଳ ଦିଗକୁ । ସୁଖ ଦୁଃଖର ପରିସରରେ ଅଶ୍ରୁ ଓ ଆନନ୍ଦକୁ ଏକାକାର କରି ମନକୁ ପ୍ରବୋଧିବାକୁ ପଡ଼େ । କାରଣ ବିଶ୍ୱାସର ବିଶ୍ୱରେ କାଳକାଟେ ମଣିଷ । ଯେଉଁଠି କେତେବେଳେ ସେ ସୁଅମୁହଁର ପତର ତ ପୁଣି କେତେବେଳେ ଅତଳ ମହାମେରୁର ଇତିବୃତ୍ତ । ସମୟର ଧାରାରେ ଏଭଳି ବହୁ ଅନୁଭୂତି ସହ ସଂଯୋଜିତ ହୁଏ ମଣିଷ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ସମ୍ଭାବନା ଓ ଆଶ୍ୱାସନାରେ ଗଡ଼ିଚାଲେ ଜୀବନ । ସତ ମିଛର ଦୋଛକିରେ ଉଭ୍ରାନ୍ତ ହୁଏ ମଣିଷ । ବସ୍ତୁତଃ କହିବାକୁ ଗଲେ, ସତ ମିଛର ପ୍ରହେଳିକା ଭିତରେ ନିତ୍ୟ ସନ୍ତୁଳିତ ଏ ମଣିଷ ବୁଝେନାହିଁ ଯେ, ସେ ପରମାତ୍ମାର ଏକ ଅଂଶ । ଏ ଜୀବାତ୍ମା ସର୍ବଦା ପରମାତ୍ମା ସହ ମିଳିତ ହେବା ଲକ୍ଷ୍ୟ ରଖି କାଳ ଅତିବାହିତ କରିଥାଏ । କାଳ ହାତରେ ସେ ଏକ ଖେଳନା ମାତ୍ର । ତାହାରି ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରାବକ୍ଷରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା କେବଳ ଜୀବନ ନୁହେଁ । ତେଣୁ କୁହାଯାଇଛି- ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ବାରମ୍ବାର ଜନ୍ମନେବା ଭିତରେ ଅସରନ୍ତି ମୋହ ଓ କୋହକୁ ନେଇ ସନ୍ତୁଳିତ ଏ ଆତ୍ମା କିନ୍ତୁ ନିତ୍ୟ ଖୋଜେ ପରମାତ୍ମାର ପରଶ । କାରଣ ଏ ମରଣଶୀଳ ମର୍ତ୍ତ୍ୟରେ ସବୁ ମଣିଷ ସଚେତନ ଆପଣାର ଅନ୍ତିମ ପରିଣତି ସଂପର୍କରେ । ପାଦେ ପାଦେ ଜୀବନର ଗୋଟିଏ ଗୋଟିଏ ପାହାଚ ଅତିକ୍ରମ କଲାବେଳେ ଅନୁଭବ କରିହୁଏ ରକ୍ତମାଂସର ଏ ପଞ୍ଜୁରୀଘେରା ମର ଶରୀରକୁ ତ୍ୟାଗ କରିବାକୁ ପଡ଼ିବ । ସତ୍ୟ ସବୁବେଳେ ସତ୍ୟ । ଏହା ଆପେକ୍ଷିକ ନୁହେଁ । ବସ୍ତୁତଃ ଯାହା ସତ୍ୟ ତାହା ସବୁ ମଣିଷ ପାଇଁ, ସବୁ କାଳ ପାଇଁ ହିଁ ସତ୍ୟ । ଜନ୍ମ ଓ ମୃତ୍ୟୁ ମଧ ସେହିଭଳି ଏକ ମହାସତ୍ୟ । ଯାହାକୁ ଶକ୍ତିଭାବରେ ଗ୍ରହଣ କରାଯାଇଛି । ଏହି ବିପରୀତମୁଖୀ ଦୁଇ ଶକ୍ତିରୁ ତୃତୀୟ ମହାସତ୍ୟଟିଏ ଜନ୍ମନିଏ, ତାହା ହେଉଛି ଜୀବନ ।

ବର୍ଷ ୨୭, ସଂଖ୍ୟା- ୨୯, ୧୬ - ୨୨ ଜୁଲାଇ ୨୦୨୩

# ଜନସଂଖ୍ୟା ବୃଦ୍ଧି ପ୍ରଗତିରେ ବାଧକ

**ଭା**ରତ ହେଉଛି ହେଉଛି ବିଶ୍ୱର ସର୍ବାଧିକ ଜନବହୁଳ ଦେଶ । ଜନସଂଖ୍ୟା ବୃଦ୍ଧି ରାଷ୍ଟ୍ରର ଏକ ସମ୍ବଳ ରୂପେ ବିବେଚିତ ହେବା କଥା । କିନ୍ତୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯଦି ପ୍ରଗତିରେ ସହାୟକ ନ ହୋଇ ବାଧକ ରୂପେ ଉଭା ହୁଏ, ସେ କ୍ଷେତ୍ରରେ ପ୍ରଗତି ସ୍ଥାଣୁ ହୋଇପଡ଼େ, ବାଧକ ରୂପେ ଉଭା ହୋଇପଡେ । ଏହା ସ୍ୱୀକାର୍ଯ୍ୟ ଯେ ପୃଥିବୀର ଲମ୍ବ ଓ ପ୍ରସ୍ଥକୁ ବଢ଼େଇ ହେବନି । ତାହାହେଲେ ଜନସଂଖ୍ୟାକୁ ଅବିଚାରିତ ଭାବରେ ବୃଦ୍ଧି କରି ଚାଲିଲେ ସେମାନେ ସମସ୍ତେ ରହିବେ କେଉଁଠି ? କେଉଁଠୁ ମିଳିବ ଖାଦ୍ୟ ? ସୁତରାଂ ଜନସଂଖ୍ୟା ବିସ୍ଫୋରଣ ବିପର୍ଯ୍ୟୟ ସୃଷ୍ଟି କରିବା ନିଶ୍ଚିତ । ୧୯୭୩ରେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା କୋନରଡ୍ ଲୋରେଞ୍ଜ କହିଥିଲେ, ‘‘ଜନସଂଖ୍ୟାର ଅସ୍ୱାଭାବିକ ବୃଦ୍ଧି ହେଉଛି ସମସ୍ତ ଦୁର୍ଗତିର ମୂଳକାରଣ ।

ପୃଥିବୀର ଜନସଂଖ୍ୟା ୮ଶହ କୋଟିରୁ ଉର୍ଦ୍ଧ ହୋଇଗଲାଣି । ୨୦୩୦ ବେଳକୁ ଏହା ପ୍ରାୟ ୮୫୦ କୋଟି ଏବଂ ୨୦୫୦ରେ ୯୭୦ କୋଟି ହୋଇପାରେ । ପୁଣି ଆଉ କେତେଟା ବର୍ଷ ପରେ ତାହା ୧୦୦୦ କୋଟିର ପାଖାପାଖି ପହଞ୍ଚିଯିବ । ଏହିପରି ସ୍ଥିତି ଅବ୍ୟାହତ ରହିଲେ କଳ୍ପନା କରିପାରୁଛନ୍ତି ସେହି ସମୟର ଦୁର୍ଦ୍ଦଶା ? ପୁନଶ୍ଚ ଶିକ୍ଷାଦୀକ୍ଷାର ଅଭାବ ଏବଂ ଅଜ୍ଞତା କାରଣରୁ ଅନେକେ ଜନସଂଖ୍ୟା ବୃଦ୍ଧି ସମସ୍ୟା ସମ୍ପର୍କରେ ସଚେତନ ହୋଇ ପାରୁ ନାହାନ୍ତି । କମ୍ ବୟସରେ ସନ୍ତାନମାନଙ୍କର ବିବାହ କରିଦେବା ଜନସଂଖ୍ୟା ବୃଦ୍ଧିର ଅନ୍ୟତମ କାରଣ । ଗ୍ରାମାଞ୍ଚଳରେ ତଥାପି ଅବ୍ୟାହତ ରହିଛି ବାଲ୍ୟବିବାହ । ଜନସଂଖ୍ୟା ବୃଦ୍ଧିର କୁପରିଣତିଗୁଡ଼ିକୁ ତ ସମସ୍ତେ ଅଙ୍ଗେ ନିଭେଇ ଚାଲିଛନ୍ତି । ପୃଥିବୀର ପ୍ରାୟ ୧୦୦ କୋଟି ଲୋକ ଦୁଇଓଳି ପେଟପୂରା ଖାଇବା ପାଇଁ ପାଉନାହାନ୍ତି । କୋଟି କୋଟି ଶିଶୁ ଅପୁଷ୍ଟିର ଶିକାର ଓ ସନ୍ତୋଷଜନକ ଭାବେ ବଢ଼ି ନ ପାରି ବାଙ୍ଗରା । ମୁଣ୍ଡ ଗୁଞ୍ଜିବା ପାଇଁ ଘର ନ ଥିବା ଯୋଗୁଁ ହଜାର ହଜାର ଲୋକ ଫୁଟପାଥ୍‌ରେ, ରେଳ ପ୍ଲାଟଫର୍ମ କିମ୍ବା ବସ୍‌ଷ୍ଟାଣ୍ଡରେ ରାତି ବିତାଉଛନ୍ତି ।

ପିଲାଙ୍କ ପଢ଼ିବା ପାଇଁ ସ୍କୁଲକଲେଜର ଅଭାବ । ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ଖଟିଆର ଅଭାବ । କର୍ମଠ ତଥା ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଚାକିରି ଅଭାବ । ବଢ଼ିଚାଲିଛି ଶିଶୁଶ୍ରମିକ । ବେକାରି ବୃଦ୍ଧି ପାଇଚାଲିଛି । ସବୁ ଜିନିଷର ଦରଦାମ ବଢ଼ିବା ଯୋଗୁଁ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଓ ପୁଷ୍ଟିହୀନତାର ନିବାରଣ ଏବଂ ସମୁଚିତ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଅଧିକ ଦୁର୍ବଳ ହୋଇପଡ଼ିବା ସ୍ୱାଭାବିକ । ପୁନଶ୍ଚ, ଜନସଂଖ୍ୟା ବଢ଼ି ଚାଲିଲେ ପରିବାରରେ ଶିଶୁ, ବୁଢ଼ାବୁଢ଼ୀ ଓ ରୋଗୀମାନଙ୍କର ଯଥାର୍ଥ ସେବାଯତ୍ନ ସମ୍ଭବ ହୋଇ ପାରିବନି । ଲିଙ୍ଗଗତ ସମାନତା ପ୍ରାପ୍ତିର ଉଦ୍ୟମ ବାଧାପ୍ରାପ୍ତ ହେବ । ନିରନ୍ତର ବିକାଶର ଲକ୍ଷ୍ୟ ପୂରଣ ହୋଇ ପାରିବନି । ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ କର୍ମ ସଂସ୍ଥାନ ହୋଇ ନ ପାରିଲେ ତାହା ସମାଜରେ ବିଶୃଙ୍ଖଳାର ଅନ୍ୟତମ କାରଣ ଭାବେ ଉଭା ହେବା ସ୍ୱାଭାବିକ ।

ଜାଣି ରଖିବା ଆବଶ୍ୟକ ଯେ ଜନସଂଖ୍ୟା ଓ ଜନସାଧାରଣଙ୍କ ଜୀବନଯାପନର ମାନ ଭିତରେ ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ଜନସଂଖ୍ୟାର ଅନିୟନ୍ତ୍ରିତ ବୃଦ୍ଧି ରାଷ୍ଟ୍ରର ସର୍ବାଙ୍ଗୀନ ପ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ । ଏହା ରାଷ୍ଟ୍ରରେ ଅର୍ଥନୈତିକ ବିକାଶକୁ ପଙ୍ଗୁ କରିଦେଉଛି । କାରଣ ମାନବସମ୍ବଳ ରାଷ୍ଟ୍ରର ବିକାଶ ପାଇଁ ଅପରିହାର୍ଯ୍ୟ ହେଲେ ହେଁ ମାତ୍ରାଧିକ ଜନସଂଖ୍ୟା ଯୋଗୁ ଏହାର ଅନୁକୂଳତମ ସୁଫଳ ଉପଭୋଗ କରିହେଉ ନାହିଁ ।


ଭାରତ ଓ ଚାଇନା ଉଭୟେ ଜନବହୁଳ ରାଷ୍ଟ୍ର । କିନ୍ତୁ ଚାଇନା ସହ ଭାରତରେ ଯେଉଁ ବିଜ୍ଞାନ ଓ ପ୍ରଯୁକ୍ତିଗତ ଦୂରତ୍ୱ ପରିଲକ୍ଷିତ ହେଉଛି, ତାହା କମିବା ପରିବର୍ତ୍ତେ ବଢ଼ିବାର ସମ୍ଭାବନା ବେଶୀ । ଏପରିକି ପ୍ରଯୁକ୍ତି ଓ ଅର୍ଥନୀତି ଦୌଡ଼ରେ ଆମେରିକାକୁ ମଧ ଆହ୍ୱାନ ଜଣେଇଲାଣି ଚାଇନା ।

ଏହା ସ୍ୱୀକାର୍ଯ୍ୟ ଯେ ବର୍ଦ୍ଧିଷ୍ଣୁ ଜନଂସଖ୍ୟା ପ୍ରତ୍ୟେକ ଦେଶ ପାଇଁ ସମସ୍ୟା । କିନ୍ତୁ ଚାଇନା ତା’ର ଅସୁମାରିଜନଙ୍କୁ ସମ୍ପଦରେ ରୁପାନ୍ତରିତ କରିବାରେ ସଫଳ ହୋଇପାରିଛି । କୌଣସି ଦେଶର ଶକ୍ତି ତା’ର ଜନସଂଖ୍ୟାରେ ପ୍ରତିଫଳିତ ହୋଇ ନ ଥାଏ, ବରଂ ଦେଶର ଶକ୍ତି ପ୍ରତିଫଳିତ ହୋଇଥାଏ - ଜନଗଣଙ୍କର କର୍ମଦକ୍ଷତା ଏବଂ ଜ୍ଞାନ-ବିଜ୍ଞାନରେ ।

ଜନସଂଖ୍ୟା ହ୍ରାସ କରିବାକୁ ହେଲେ ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରେଇବା ଅପରିହାର୍ଯ୍ୟ । ଜନ୍ମ ନିୟନ୍ତ୍ରଣର ପଦ୍ଧତିମାନ ଅବଲମ୍ବନ କରିବା, ବେଶୀ ବୟସରେ ବିବାହ କରିବା, ଦାରିଦ୍ର୍ୟ ଦୂରୀକରଣ କରିବା, ସମସ୍ତଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିବା, ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିର ଯତ୍ନ ନେଇ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା, ଶିକ୍ଷାର ପ୍ରସାର କରି ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା, ଲିଙ୍ଗ ବୈଷମ୍ୟ ପ୍ରତିହତ କରିବା, ପ୍ରଜନନ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଶିଶୁକନ୍ୟା ଓ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ଓ ସର୍ବୋପରି ସମସ୍ତଙ୍କ ପାଇଁ ସମୁଚିତ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଇତ୍ୟାଦି ପଦକ୍ଷେପ ନେଇପାରିଲେ ଜନସଂଖ୍ୟା ନିୟନ୍ତ୍ରଣ ସହଜ ହୋଇପାରିବ ।

# ଅହିଂସା ମାର୍ଗ

## ମହାତ୍ମା ଗାନ୍ଧୀ



**ମୋ’** ଆକାଂକ୍ଷା ଅତ୍ୟନ୍ତ ସୀମିତ । ସମଗ୍ର ପୃଥିବୀକୁ ଅହିଂସାର ମାର୍ଗରେ ପରିଚାଳିତ କରାଇ ନେବାକୁ ପରମେଶ୍ୱର ମୋତେ ଯଥେଷ୍ଟ ଶକ୍ତି ଦେଇନାହାନ୍ତି । ମାତ୍ର, ମୁଁ କଳ୍ପନା କରିଛି ଯେ, ଆପଣାର ବହୁ ଦୁର୍ଗତିର ସମ୍ମୁଖୀନ ହେବାଲାଗି ଭାରତବର୍ଷ ହାତରେ ଅହିଂସାର ଅସ୍ତ୍ରଟିକୁ ଆଣି ଦେବା ନିମନ୍ତେ ପରମେଶ୍ୱର ମୋତେ ତାଙ୍କର ଯନ୍ତ୍ରରୂପେ ବାଛିଛନ୍ତି । ଏପର୍ଯ୍ୟନ୍ତ ପ୍ରକୃତରେ ଅନେକ ଅଗ୍ରଗତି ହୋଇଛି । ମାତ୍ର ଆହୁରି ଅନେକ ବାକି ରହିଛି ।

ଆଜି ଶଠତା ଏବଂ ମିଥ୍ୟା ସମଗ୍ର ପୃଥିବୀକୁ ଆଘାତ କରିବାରେ ଲାଗିଛନ୍ତି । ଏହିପରି ଏକ ସ୍ଥିତିରେ ମୁଁ କଦାପି ଜଣେ ମୂକସାକ୍ଷୀ ହୋଇ ବସି ରହିପାରିବି ନାହିଁ । ଯଦି ମୁଁ ଆଜି ନୀରବ ଓ ନିଷ୍କ୍ରିୟ ହୋଇ ବସିରହେ, ତେବେ ଭଗବାନ ମୋତେ ଯେଉଁ ସମ୍ପଦଟିକୁ ଦାନ କରିଛନ୍ତି, ସମଗ୍ର ପୃଥିବୀକୁ ଗ୍ରାସ କରିବାକୁ ଉଦ୍ୟତ ଏହି ଅଗ୍ନିଦହନ ମଧରେ ତାହାକୁ କାମରେ ନ ଲଗାଇଲେ ସେ ମୋତେ ସେଥିପାଇଁ ନିଶ୍ଚୟ ଶାସ୍ତି ଦେବେ ।

ମୋ’ର ବ୍ୟକ୍ତିଗତ ବିଶ୍ୱାସକୁ ମୁଁ କେବେହେଲେ ଅନ୍ୟମାନଙ୍କ ଉପରେ ଲଦିଦେଇ ପାରିବିନାହିଁ, ଏକ ଜାତୀୟ ସଂଗଠନ ମଧରେ ତ ଆଦୌ ନୁହେଁ । ସେହି ବିଶ୍ୱାସର ସୌନ୍ଦର୍ଯ୍ୟ ଏବଂ ଉପଯୋଗିତା ବିଷୟରେ ମୁଁ ଜାତିର ମନରେ ପ୍ରତ୍ୟୟ ଆଣିଦେବାକୁ ହିଁ ଇଚ୍ଛା କରି ପାରିବି । ଅନ୍ୟାନ୍ୟ ମାର୍ଗ ଦେଶଲାଗି ସାକାର ଭାବରେ କ୍ଷତିକାରକ ଏବଂ ଅନିଷ୍ଟକାମୀ ବୋଲି ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ଆପଣାର ଅନମନୀୟତା ଦେଖାଇ ମୁଁ ସେହିସବୁ ମାର୍ଗ ଦ୍ୱାରା ଦେଶର ଅଗ୍ରଗତି ହେବାରେ ବାଧା ଦେଲେ ତାହା ନିଶ୍ଚୟ ଏକ ବିପର୍ଯ୍ୟୟର ବିଷୟ ହେବ । ଉଦାହରଣ ସ୍ୱରୂପ, ଏକାବେଳକେ ଏକାକୀ ହେଲେ ମଧ ପ୍ରକୃତ ହିଂସାଚରଣର ମାର୍ଗଗୁଡ଼ିକ ବିରୋଧରେ ମୁଁ ଅବଶ୍ୟ ସ୍ୱର ଉତ୍ତୋଳନ କରିବି । ମାତ୍ର ମୁଁ ଏକଥା ମଧ ସ୍ୱୀକାର କରୁଛି ଯେ, ଯଦି ଜାତି ସେହିଭଳି ଇଚ୍ଛା କରିବ, ତେବେ ଏପରିକି ପ୍ରକୃତ ହିଂସାର ମାର୍ଗଦ୍ୱାରା ମଧ ଆପଣାର ସ୍ୱାଧିନତା ହାସଲ କରିବାଲାଗି ଜାତିର ଅବଶ୍ୟ ଅଧିକାର ରହିଛି । ସେହି କ୍ଷେତ୍ରରେ ମୁଁ ଭାରତବର୍ଷରେ ଜନ୍ମଗ୍ରହଣ କରିଥିଲେ ମଧ ତାହା ଆଉ ମୋ’ଲାଗି ଏକ ପ୍ରିୟ ଭୂମି ହୋଇ ରହିବନାହିଁ, ଠିକ୍ ଯେପରି ମୋ’ ମାଆ ବିପଥଗାମିନୀ ହେଲେ ମୁଁ ସେଥିରେ ଆଦୌ ଗର୍ବ ଅନୁଭବ କରିବି ନାହିଁ ।

ସମଗ୍ର ଅହିଂସାର ପରାମର୍ଶ ଦେବାଲାଗି ମୋ’ର ଅନୁରୂପ ଶକ୍ତି ନାହିଁ । ସେଥିଲାଗି ମୁଁ କେବଳ ଆମ ସ୍ୱାଧିନତା ହାସଲ କରିବାର ସୀମିତ କ୍ଷେତ୍ରଟି ପାଇଁ ଅହିଂସାର ପ୍ରଚାର କରୁଛି ଏବଂ ଆନ୍ତର୍ଜାତିକ ସମ୍ବନ୍ଧଗୁଡ଼ିକ ମଧ ଅହିଂସାର ପ୍ରଣାଳୀ ଦ୍ୱାରା ପରିଚାଳିତ ହେଉବୋଲି ପରାମର୍ଶ ଦେଉଛି । ସମଗ୍ର ଅହିଂସାର ପ୍ରଚାର କରିବା ପୂର୍ବରୁ ମୋତେ ବାସନାଗୁଡ଼ିକର ଡାଳରୁ ସମ୍ପୂର୍ଣ୍ଣଭାବରେ ମୁକ୍ତ ହେବାକୁ ପଡ଼ିବ, ପାପ ପାଇଁ ସମ୍ପୂର୍ଣ୍ଣ ଭାବରେ ଅସମର୍ଥ ହେବାକୁ ପଡ଼ିବ ।

ମୋ’ର ପ୍ରଚାର ଏବଂ ଶିକ୍ଷାକୁ ଭାବପ୍ରବଣ ଅଥବା ଅବ୍ୟବହାରିକ ବୋଲି ଆଦୌ କୁହା ଯିବନାହିଁ, କାରଣ ଯାହାକିଛି ଚିରନ୍ତନ, ମୁଁ କେବଳ ତାହାରି ପ୍ରଚାର କରୁଛି, ତାହାକୁ ଅଭ୍ୟାସ କରିବାକୁ ପ୍ରଚେଷ୍ଟା କରୁଛି । ମୁଁ ଏକଥା ମଧ ଦାବି କରୁଛି ଯେ, ମୁଁ ଯାହାକୁ ଅଭ୍ୟାସରେ ପରିଣତ କରିପାରିଲି, ତାହାକୁ ଅନ୍ୟ ସମସ୍ତେ ମଧ ଅଭ୍ୟାସରେ ପରିଣତ କରି ପାରିବେ । କାରଣ ମୁଁ ତ ଜଣେ ଅତି ସାଧାରଣ ମନୁଷ୍ୟ ଏବଂ ଯେକୌଣସି ସାମାନ୍ୟତମ ମନୁଷ୍ୟ ପରି ମୁଁ ମଧ ଅନୁରୂପ ନାନା ପ୍ରଲୋଭନ ପ୍ରତି ଉନ୍ମୁକ୍ତ ହୋଇ ରହିଛି ଓ ମୋ’ ଭିତରେ ମଧ ଅନୁରୂପ ଦୁର୍ବଳତାମାନ ରହିଛି ।

ମୁଁ କେଡ଼େ ପାଟିରେ ବିଶ୍ୱ-ଅହିଂସା ବିଷୟରେ କହି ବୁଲୁଥିଲେ ମଧ ମୋର ପ୍ରୟୋଗଟି ଭାରତବର୍ଷ ମଧରେ ସୀମାବଦ୍ଧ ହୋଇ ରହିଛି । ଯଦି ଏହି ପ୍ରୟୋଗଟି ସଫଳତା ଅର୍ଜନ କରେ, ପୃଥିବୀ ଅନାୟାସରେ ଏହାକୁ ଗ୍ରହଣ କରିନେବ । ଅବଶ୍ୟ ଏହି କ୍ଷେତ୍ରରେ ଏକ ବୃହତ ପ୍ରଶ୍ନବାଚୀ ସବୁବେଳେ ରହିଛି । ଏଭଳି ଏକ କୁଣ୍ଠା ପ୍ରକାଶ କରୁଛି ବୋଲି ମୁଁ ଆଦୌ ଚିନ୍ତିତ ନୁହେଁ । ଅଭେଦ୍ୟ ଅନ୍ଧକାର ମଧରେ ମୋ’ର ବିଶ୍ୱାସ ତଥାପି ଉଜ୍ଜ୍ୱଳତମ ହୋଇ ରହିଛି । କେଉଁ କାରଣରୁ କେଜାଣି, ମୁଁ ଇଉରୋପ ଓ ଆମେରିକା ଯିବାକୁ ଭାରି ଭୟ କରେ । ମୋ’ ନିଜ ଦେଶର ଲୋକମାନଙ୍କ ତୁଳନାରେ ମୁଁ ଏହି ଦୁଇ ମହାନ ଦେଶର ଲୋକମାନଙ୍କୁ ଅଧିକ ଅବିଶ୍ୱାସ କରେ ବୋଲି ଯେ ସେମାନଙ୍କୁ ଭୟ କରେ, ସେକଥା ଆଦୌ ନୁହେଁ, ମାତ୍ର ମୁଁ ଆପଣାକୁ ହିଁ ଅବିଶ୍ୱାସ କରିଥାଏ । ସ୍ୱାଦର ପରିବର୍ତ୍ତନ ପାଇଁ କିମ୍ବା ସୁନ୍ଦର ସ୍ଥାନ ଦେଖିବାପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଯିବାଲାଗି ମୋ’ର କୌଣସି ଆଗ୍ରହ ନାହିଁ । ସେସବୁ ଦେଶକୁ ଯାଇ ସାଧାରଣ ସଭାମାନଙ୍କରେ ବକ୍ତୃତା ଦେବାକୁ ମଧ ମୋ’ର କୌଣସି ଇଚ୍ଛା ନାହିଁ । ସେଠାରେ ମୋତେ ମହାନ ବ୍ୟକ୍ତି ପରି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉ, ମୁଁ ସେହି କଥାକୁ ଘୃଣାକରେ । ସାଧାରଣ ସଭାମାନଙ୍କରେ ବକ୍ତୃତା ଦେବା ଓ ସାଧାରଣ ସମ୍ମାନ ପ୍ରଦର୍ଶନଗୁଡ଼ିକର ସମ୍ମୁଖୀନ ହେବାରେ ଯେଉଁ ଭୟଙ୍କର କ୍ଳାନ୍ତି ଅନୁଭୂତ ହୁଏ, ତାହାକୁ ସହ୍ୟ କରିପାରିବାଭଳି ସ୍ୱାସ୍ଥ୍ୟ ମୁଁ ଆଉ କେବେହେଲେ ଲାଭକରିବି ବୋଲି ମୋ’ର ଆଦୌ ବିଶ୍ୱାସ ହେଉନାହିଁ ।

ଯଦି ପରମେଶ୍ୱର ମୋତେ କେବେ ପାଶ୍ଚାତ୍ୟ ଜଗତକୁ ପଠାଇବେ, ତେବେ ସେଠାରେ ବାସ କରୁଥିବା ଜନଗଣଙ୍କର ହୃଦୟ ମଧକୁ ପ୍ରବେଶ କରିବାପାଇଁ ମୁଁ ସେଠାକୁ ଯିବି, ପାଶ୍ଚାତ୍ୟ ଜଗତର ତରୁଣମାନଙ୍କ ସହିତ ଏକାଠି ବସି ଅତ୍ୟନ୍ତ କୋଳାହଳଶୂନ୍ୟ ଭାବରେ କଥାବାର୍ତ୍ତା କରିବା ପାଇଁ ଏବଂ ସମାନଧର୍ମୀ ବ୍ୟକ୍ତିମାନଙ୍କ ସହିତ ସତ୍ୟ ବ୍ୟତୀତ ଆଉ ଯେ କୌଣସି ମୂଲ୍ୟ ଦେଇ ଶାନ୍ତିକୁ ଭଲ ପାଉଥିବା ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କରିବାର ବିଶେଷ ସୁବିଧାଟିକୁ ଲାଭ କରିବା ପାଇଁ ଯିବି । ମାତ୍ର ମୁଁ ଅନୁଭବ କରୁଛି ଯେ, ବ୍ୟକ୍ତିଗତ ଭାବରେ ପାଶ୍ଚାତ୍ୟ ଜଗତକୁ ଦେଇପାରିଲା ଭଳି ଏବେ ମଧ ମୋ’ ପାଖରେ କୌଣସି ସନ୍ଦେଶ ନାହିଁ । ମୋ’ର ସନ୍ଦେଶଟି ସମଗ୍ର ବିଶ୍ୱଲାଗି ଉଦ୍ଦିଷ୍ଟବୋଲି ମୁଁ ବିଶ୍ୱାସ କରୁଛି ସତ,ମାତ୍ର ମୁଁ ଏପର୍ଯ୍ୟନ୍ତ ପ୍ରକୃତରେ ଅନୁଭବ କରୁଛି ଯେ, ମୋ’ ନିଜ ଦେଶରେ ନିଜର କାର୍ଯ୍ୟଗୁଡ଼ିକ ମାଧମରେ ହିଁ ମୁଁ ଏହାକୁ ସର୍ବୋତ୍ତମଭାବରେ ପ୍ରଦାନ କରିପାରିବି, ତେବେ ସେହି ସନ୍ଦେଶଟିକୁ ଦେବା ମଧ ତାହାରି ଦ୍ୱାରା ସମ୍ପୂର୍ଣ୍ଣ ହୋଇଯିବ ।

ମୋ’ର ସନ୍ଦେଶ ନିମନ୍ତେ ଭାରତବର୍ଷର କୌଣସି ପ୍ରୟୋଜନ ନାହିଁ, ଯଦି ମୁଁ ଏପରି ଗୋଟିଏ ଉପସଂହାରରେ ଆସି ପହଞ୍ଚିବି, ତେବେ ସେତେବେଳେ ମୋ’ର ସେହି ସନ୍ଦେଶଟିରେ ଦୃଢ଼ ବିଶ୍ୱାସ ରହିଥିଲେ ମଧ ମୁଁ ତଥାପି ଶ୍ରୋତା ଖୋଜି ଆଉ ଅନ୍ୟ କୁଆଡ଼େ ଯିବାଲାଗି ଆଦୌ ମନ କରିବିନାହିଁ । ଯଦି ମୁଁ କେବେ ମଧ ଭାରତବର୍ଷର ବାହାରକୁ ଯିବାର ସାହସ କରିବି, ତେବେ ସନ୍ଦେଶଟିରେ ମୋ’ର ବିଶ୍ୱାସ ରହିଛି ବୋଲି ମୁଁ ତାହା କରିବି । ଅବଶ୍ୟ ଏକଥା ସତ ଯେ, ଯେତେ ଧିର ଭାବରେ ହେଲେ ମଧ ଭାରତବର୍ଷ ଯେ ସେହି ସନ୍ଦେଶଟିକୁ ନିଶ୍ଚୟ ଗ୍ରହଣ କରୁଛି, ସମସ୍ତଙ୍କର ସନ୍ତୋଷବିଧାନ ହେଲାଭଳି ମୁଁ ସେକଥାଟିକୁ କଦାପି ପ୍ରମାଣ କରି ଦେଖାଇ ଦେଇ ପାରିବି ନାହିଁ । ଯେତେବେଳେ ମୁଁ କୌଣସି ମନ୍ଦପାଇଁ ଏକାନ୍ତ ଅସମର୍ଥ ହୋଇପଡ଼ିବି ଏବଂ ଯେତେବେଳେ ସାମୟିକ ଭାବରେ ମଧ କର୍କଶ କିମ୍ବା ଦମ୍ଭପୂର୍ଣ୍ଣ ଆଦୌ କିଛି ହେଲେ ମୋ’ ଭାବନାର ଜଗତ ଭିତରକୁ ପ୍ରବେଶ କରି ନପାରିବ, ସେତେବେଳେ ଯାଇ, ତା ପୂର୍ବରୁ କଦାପି ନୁହେଁ, ମୋର ଅହିଂସା ସମ୍ପୂର୍ଣ୍ଣ ପୃଥିବୀର ସମସ୍ତଙ୍କର ହୃଦୟକୁ ସ୍ପର୍ଶ ଏବଂ ସଚଳ କରିଦେଇ ପାରିବ । ମୋ’ ପରି ଲକ୍ଷ ଲକ୍ଷ ବ୍ୟକ୍ତି ହୁଏତ ସେମାନଙ୍କର ଜୀବନରେ ସତ୍ୟର ପ୍ରଯୋଜନ କରିବାରେ ବିଫଳ ହୋଇଯିବେ, ମାତ୍ର ତାହାକୁ ସେହିମାନଙ୍କର ହିଁ ବିଫଳତା ବୋଲି କୁହାଯିବ, ସତ୍ୟରୂପୀ ସେହି ଶାଶ୍ୱତ ବିଧାନର ବିଫଳତା ବୋଲି କଦାପି କୁହାଯାଇ ପାରିବ ନାହିଁ ।

# ହାଡ଼କୁ ମଜଭୁତ କରେ ଭିଟାମିନ୍

**ହା**ଡ଼କୁ ମଜଭୁତ କରିବା ଲାଗି କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ସହିତ ଅନ୍ୟ କେତେକ ଖାଦ୍ୟକୁ ମଧ ଡେଲି ଡାଏଟ୍‌ରେ ସାମିଲ୍ କରନ୍ତୁ । ଏଥିପାଇଁ ଖାଲି ମର୍ନିଂୱାକ୍ ଓ ଏକ୍ସରସାଇଜ୍ କରିଦେଲେ ହେବନି । ଏହା ବ୍ୟତୀତ ଭିଟାମିନ୍-ସି’ ଯୁକ୍ତ ଖାଦ୍ୟ ଖାଇଲେ ଇମ୍ୟୁନିଟି ବୁଷ୍ଟ ହେବା ସହିତ ହାଡ଼କୁ ଶକ୍ତ ମଧ କରିଥାଏ । ଭିଟାମିନ-ସି ଲାଗି ଆପଣ କ୍ୱିୱି, ଅଁଳା, କମଳା, ଲେମ୍ବୁ ଆଦିକୁ ଖାଦ୍ୟରେ ସାମିଲ୍ କରନ୍ତୁ । ଶରୀରରେ ଯଦି ଭିଟାମିନ୍-ଡି’ର ଅଭାବ ରହିଲା ତେବେ ହାଡ଼ ଦୁର୍ବଳ ହେବାର ଆଶଙ୍କା ରହିଛି । ଏହାର ମୁଖ୍ୟ ସ୍ରୋତ ହେଉଛି ସୂର୍ଯ୍ୟକିରଣ । ତେଣୁ ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣରେ ଚାଲନ୍ତୁ । ଏହାବ୍ୟତୀତ ମାଛ, ବାଦାମ୍, କନ୍ଦମୂଳ, ଛତୁ ଖାଆନ୍ତୁ । ଭିଟାମିନ୍- କେ ହାଡ଼ର ମିନେରାଲ୍ ଲେଭଲ୍‌କୁ ନିୟନ୍ତ୍ରିତ ରଖେ । ଅଷ୍ଟିଓପୋରୋସିସ୍ ରୋଗୀ ନିଜ ଖାଦ୍ୟରେ ଏହି ଭିଟାମିନ୍‌କୁ ସାମିଲ କଲେ ଉପକୃତ ହୋଇ ପାରିବେ ।



# ସ୍ୱର୍ବେଦ

**ସାର ଶବ୍ଦ ମେଁ ସୃଷ୍ଟି ହୈ, ସାର ଶବ୍ଦ ସବ ଜ୍ଞାନ ।**
**ଦେଓ୍ୱ ସଦାଫଲ ଶବ୍ଦ ମିଲ, ପାଓ୍ୱେ ପଦ ନିରଓ୍ୱାନ ॥୨୨॥**

ଭାଷ୍ୟ - ସାରଶବ୍ଦ ଭିତରେ ହିଁ ସମସ୍ତ ଜଗତର ରଚନା ନିହିତ ହୋଇଛି । ସେ ହିଁ ସମସ୍ତ ଜ୍ଞାନର ମୂଳ କାରଣ ଅଟନ୍ତି ଓ ସେହି ଶବ୍ଦର ପ୍ରାପ୍ତିରୁ ନିର୍ବାଣପଦର ପ୍ରାପ୍ତି ଏବଂ ପରମାନନ୍ଦଙ୍କର ଉପଲବ୍ଧି ହୋଇଥାଏ ।

**॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ପଞ୍ଚମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

**ଷଷ୍ଠ ଅଧ୍ୟାୟ**

**ବିନୁ ଅଧାର କାୟା ନହାଁ, ବିନୁ ଅଧାର ସଂସାର ।**
**ରହ ଅଚାର ଆଧେୟ କା, ୟହ ସମ୍ବନ୍ଧ ତତ ସାର ॥୦୧॥**


ଭାଷ୍ୟ - ଆଶ୍ରୟ ବିନା କାୟାର ସ୍ଥିତି ନ ଥାଏ । ଯେଉଁଠାରୁ ଏହି ଶରୀରର ସଂରକ୍ଷଣ ଓ ସଂଚାଳନ ହୁଏ ତାହା ଏ ଶରୀରର ଆଧାର । ଆଧାର ବିନା ସଂସାରର ଚିନ୍ତା କରାଯାଇ ପାରିବ ନାହିଁ । ଏହି ସମସ୍ତ ଜଗତ ଓ ଜୀବମାନଙ୍କର ଆଧାର ପରମପ୍ରଭୁ ଅଟନ୍ତି । ସୁତରାଂ ଜୀବ ଆଉ ଜଗତ ତାଙ୍କ ଆଧାରୀତ । ଏହି ସମ୍ବନ୍ଧ ଜୀବ ଜଗତରେ ପରଂବ୍ରହ୍ମଙ୍କର ଅଟେ । ଏହି ସମ୍ବନ୍ଧର ଜ୍ଞାନ ସମସ୍ତ ତତ୍ତ୍ୱର ସାର ଅଟେ ।

**ବ୍ୟାପକ ବ୍ୟାପ୍ୟ ସମ୍ବନ୍ଧ ହୈ, ସଂୟୁତ ସହଜ ସ୍ୱଭାଓ୍ୱ ।**
**କହିଁ ଓ୍ୱିୟୋଗ ହୋଓ୍ୱେ ନହାଁ, ସର୍ଓ୍ୱ କାଲ ସମ ଜାନ ॥୦୨॥**

ଭାଷ୍ୟ - ଜୀବ ଆଉ ବ୍ରହ୍ମର ସମ୍ବନ୍ଧ ବ୍ୟାପ୍ୟ-ବ୍ୟାପକ ଏବଂ ଆଧାର-ଆଧେୟର ଅଟେ । ଏହି ସଂଯୁକ୍ତ ତଥା ସ୍ୱାଭାବିକ ସମ୍ବନ୍ଧ ସବୁ ସମୟରେ ରହିଥାଏ, ବିୟୋଗ କୌଣସି ସମୟରେ ହୋଇ ନ ଥାଏ । ସମସ୍ତ ଜୀବମାନଙ୍କର ଆଧାର ପରମପ୍ରଭୁ ଅଟନ୍ତି ଓ ଏ ଦୁହିଙ୍କର ସହଜ, ନିତ୍ୟ ସମ୍ବନ୍ଧ ରହିଛି ।

**ଲାଲୀ ମେହଦୀ ମେଁ ଛିପୀ, ପୁରୁଷ ବ୍ୟାପ୍ତ ତୋହି ମାହିଁ ।**
**ଭେଦୀ ଭେଦ ରହସ୍ୟ ମେଁ, ପ୍ରଭୁ ପ୍ରକଟେଁ ଘଟ ମାହିଁ ॥୦୩॥**

ଭାଷ୍ୟ - ଯେଉଁ ପ୍ରକାର ମୁଆତିରେ ଲାଲିମା ଲୁପ୍ତ ରହିଥାଏ, ସେହି ପ୍ରକାର ଜୀବାତ୍ମା ଭିତରେ ପରମ ପୁରୁଷ ବ୍ୟାପ୍ତ ଅଟନ୍ତି । ଯୋଗ-ଯୁକ୍ତିରେ ଅନ୍ତର-ଭେଦ-ସାଧନ ଦ୍ୱାରା ଆତ୍ମା ଭିତରେ ସେହି ପରମପ୍ରଭୁ ପ୍ରକଟ ହୋଇଥାନ୍ତି ।




**ପୁଷ୍ପ ଓ୍ୱାସ ଜ୍ୟୋଁ ପୁଷ୍ପ ମେଁ, ତ୍ୟୋଁ ସାହେବ ଘଟ ମାହିଁ ।**
**ମନମଥ ମାର ଓ୍ୱିଓ୍ୱେକ ସେ, ରୋମ ରୋମ ଦରଶାହିଁ ॥୦୪॥**

ଭାଷ୍ୟ - ଯେଉଁ ପ୍ରକାର ଫୁଲରେ ସୁଗନ୍ଧ ରହିଥାଏ, ସେହି ପ୍ରକାର ସମସ୍ତଙ୍କର ସ୍ୱାମୀ ପରଂବ୍ରହ୍ମ ସବୁ ଘଟରେ ସ୍ଥିତ ହୋଇଛନ୍ତି । ମନର ବିଷୟ ତରଙ୍ଗଙ୍କୁ ଜ୍ଞାନ ବଳରେ ଅପସାରଣ କରି ଯେତେବେଳେ ଅନ୍ତର ପ୍ରବେଶ ହେବ, ସେତେବେଳେ ଶରୀରର ସମସ୍ତ ଲୋମକୂପରେ ସେହି ବ୍ୟାପକ ପରଂବ୍ରହ୍ମଙ୍କର ସାକ୍ଷାତ୍‌କାର ହୋଇପାରିବ ।

**ତୀଲ ମାହିଁ ଜ୍ୟୋଁ ତେଲ ହୈ, ତୁଝମେଁ ପୁରୁଷ ପୁରାନ ।**
**ସଦ୍‌ଗୁରୁ ୟୁକ୍ତି ନିକାଲିୟେ, ପ୍ରକଟେ ରୂପ ମହାନ ॥୦୫॥**

ଭାଷ୍ୟ - ଯେଉଁ ପ୍ରକାର ତିଳ ମଧ୍ୟରେ ତେଲ ରହିଛି ସେହି ପ୍ରକାର ତୁମ ଭିତରେ ପୂର୍ଣ୍ଣ ପୁରୁଷ ରହିଛନ୍ତି । ସଦ୍‌ଗୁରୁ ଯୁକ୍ତିରେ ଯୋଗ ସାଧନା ଦ୍ୱାରା ପ୍ରଭୁଙ୍କର ମହାନ୍ ସ୍ୱରୂପକୁ ଅନୁଭବରେ ପ୍ରକଟ ହୁଅନ୍ତି ଏବଂ ଅନୁଭବ, ଯୋଗ ଯୁକ୍ତିରେ ବ୍ରହ୍ମାମୃତ ରୂପୀ ତେଲ ପ୍ରବାହ ଆତ୍ମାକୁ ପ୍ରାପ୍ତ ହୋଇଥାଏ ।

**ବ୍ୟୋମ ସକଲ ଘଟ ବ୍ୟାପ୍ତ ହୈ, ବାହର ଭୀତର ମାନ ।**
**ତ୍ୟୋଁ ପରିପୂରଣ ପୁରୁଷ ହୈ, ପେଖ ଦୃଷ୍ଟି ଉର ଜ୍ଞାନ ॥୦୬॥**

ଭାଷ୍ୟ - ଯେଉଁ ପ୍ରକାର ଆକାଶ ଶରୀରର ବାହାରେ ଏବଂ ଭିତରେ ବ୍ୟାପକ ଅଟେ, ସେହି ପ୍ରକାର ଆତ୍ମାର ବାହ୍ୟ ଏବଂ ଆଭ୍ୟନ୍ତରରେ ଓତଃପ୍ରୋତ ଭାବରେ ପ୍ରଭୁ ବ୍ୟାପକ ରହିଛନ୍ତି । ଏହାକୁ ନିଜର ଅନୁଭବ ଚେତନ ଦୃଷ୍ଟିରେ ଦେଖନ୍ତୁ ।

**ଓତ ପ୍ରୋତ ଭରିପୂର ହୈ, ସମରସ ସକଲ ସମାନ ।**
**ଦଶୋ ଦିଶା ମେଁ ଦେଖିୟେ, ଅଦ୍‌ଭୁତ ପୁରୁଷ ଅମାନ ॥୦୭॥**

ଭାଷ୍ୟ - ସେହି ପରମ ପ୍ରଭୁ ସମସ୍ତ ସୃଷ୍ଟିରେ ଏକ ସମାନ ଦଶ ଦିଶରେ ପରିପୂର୍ଣ୍ଣ ଏବଂ ଓତଃପ୍ରୋତ ବ୍ୟାପ୍ତ ଅଟନ୍ତି । ସେହି ଅଲୌକିକ ପୂର୍ଣ୍ଣ ପୁରୁଷଙ୍କୁ ଅନୁଭବ, ଚେତନ ଦୃଷ୍ଟିରେ ପ୍ରତ୍ୟକ୍ଷ ଦର୍ଶନ କରନ୍ତୁ । ତାହା ସର୍ବୋପରି ସର୍ବ ସୂକ୍ଷ୍ମ ପରମତତ୍ତ୍ୱ ଅଟେ ।

**ତୁଝ ମେଁ ତୁଝ ପର ସର୍ଓ୍ୱ ପର, ପର ଅପରା ସଂସାର ।**
**ଘଟପଟ ସମ ପରକାଶ ହୈ, ଦେଖହୁ ତତ୍ତ୍ୱ ଓ୍ୱିଚାର ॥୦୮॥**

ଭାଷ୍ୟ - ତୋ ଭିତରେ ଏବଂ ବାହାରେ ସମସ୍ତ ସୂକ୍ଷ୍ମ, ସ୍ଥୁଳ ଜଗତ ଏବଂ ପ୍ରକୃତିର ସମସ୍ତ ପଦାର୍ଥମାନଙ୍କରେ ସେହି ପରମ ପ୍ରକାଶ ସମଭାବରେ ବିରାଜିତ ହୋଇଛନ୍ତି । ନିଜର ଅନୁଭବ ତତ୍ତ୍ୱଜ୍ଞାନର ଦୃଷ୍ଟିରେ ତାଙ୍କୁ ପ୍ରତ୍ୟକ୍ଷ କରନ୍ତୁ । ପରମପ୍ରଭୁ ପ୍ରକୃତି ଆଉ ଆତ୍ମାର ଭିତରେ ଏବଂ ବାହାରେ ସମସ୍ତ ପଦାର୍ଥମାନଙ୍କରେ ଏକରସ ନିଜର ସତ୍ୟ ସ୍ୱରୂପରେ ପ୍ରକାଶିତ ହୋଇ ରହିଛନ୍ତି ।

**ତୁମ ମେଁ ମନ ମେଁ ଦେହ ମେଁ, ସବ ଭୂମିନ ସବ ପାସ ।**
**ଅନୁଭଓ୍ୱ ୟୋଗ ଓ୍ୱିଧାନ ମେଁ, ପରଛିନ୍ନ ତତ୍ତ୍ୱ ଭାସ ॥୦୯॥**

ଭାଷ୍ୟ - ଆତ୍ମା, ମନ ଏବଂ ଶରୀର ଏବଂ ସର୍ବ ଅବସ୍ଥାରେ ସେହି ପରମପ୍ରଭୁ ସମସ୍ତଙ୍କ ସମୀପରେ ରହିଛନ୍ତି । ଅନୁଭବ ଯୋଗ-ରୀତିରେ ସେହି ସର୍ବବ୍ୟାପକ ପରମ ସତ୍ତାଙ୍କର ସର୍ବତ୍ର ଅନୁଭବ ହୋଇଥାଏ ।

**ସମିଧା ମେଁ ଜ୍ୟୋଁ ଅଗିନ ହୈ, ଘଟ ପଟ ବ୍ୟାପକ ସୋୟ ।**
**ୟୋଗ ଭେଦ ସଂଘର୍ଘ ମେଁ, ପ୍ରକଟେ ସନମୁଖ ସୋୟ ॥୧୦॥**

ଭାଷ୍ୟ - ଯେଉଁ ପ୍ରକାର କାଠରେ ଅଗ୍ନି ଲୁପ୍ତ ରହିଥାଏ ଏବଂ ତାକୁ ଘଷିବା ଦ୍ୱାରା ପ୍ରକଟ ହୋଇଥାଏ, ସେହି ପ୍ରକାର ସମସ୍ତ ଘଟରେ ବ୍ୟାପକ ପରମ ପୁରୁଷ ଯୋଗବିଧାନ ଦ୍ୱାରା ତାହାର ସଂଘର୍ଷରୁ ଆତ୍ମା ସମ୍ମୁଖରେ ପ୍ରକଟ ହୋଇଥାନ୍ତି ।

**ଚକମକ ପତ୍ଥରୀ ଆଗ ଜ୍ୟୋଁ, ଠୋକେ ପ୍ରକଟେ ଆୟ ।**
**ତୁଝମେଁ ହୈ ତୁଝମେଁ ମିଲୈ, ଠୋକ ଜ୍ଞାନ ଗୁରୁ ପାୟ ॥୧୧॥**

ଭାଷ୍ୟ - ଯେମିତି ଚକମକି ପଥରକୁ ଘଷିଲେ ଅଗ୍ନି ପ୍ରକଟ ହୋଇଥାଏ ସେମିତି ଆତ୍ମା ଭିତରେ ସ୍ଥିତ ପରମପ୍ରଭୁ ଗୁରୁଙ୍କର ଜ୍ଞାନ ଦ୍ୱାରା ପ୍ରଯତ୍ନ କଲେ ପ୍ରାପ୍ତ ହୋଇଥାନ୍ତି ।

**ମୃଗ କୁଣ୍ଡଲ ମେଁ ଓ୍ୱାସ ହୈ, ଓ୍ୱନ ଓ୍ୱନ ଖୋଜତ ଧୋୟ ।**
**ସାହେବ ତୁମରେ ପାସ ହୈ, ବାହର ଖୋଜନ ଜାୟ ॥୧୨॥**

ଭାଷ୍ୟ - ମୃଗର ନାଭିରେ ସୁଗନ୍ଧି ରହିଥାଏ, ମାତ୍ର ସେହି ସୁଗନ୍ଧିକୁ ପାଇବା ପାଇଁ ସେ ବଣରେ ଏଣେତେଣେ ଭ୍ରମୁଥାଏ । ଏହି ପ୍ରକାର ସମସ୍ତଙ୍କର ସ୍ୱାମୀ ପରମପ୍ରଭୁ ତୁମ ଭିତରେ ବିଦ୍ୟମାନ ରହିଛନ୍ତି ମାତ୍ର ତୁମେ ତାଙ୍କୁ ବାହାରେ ଖୋଜୁଛ । ସର୍ବବ୍ୟାପୀ ପରମପ୍ରଭୁ ସଦ୍‌ଗୁରୁ-ଭେଦ-ସାଧନ ଦ୍ୱାରା ଆତ୍ମାରେ ପ୍ରାପ୍ତ ହୋଇଥାନ୍ତି ।

**ସବ ଘଟ ବ୍ୟାପକ ପୁରୁଷ ହୈ, ସହଜ ସିଂହାସନ ଧାମ ।**
**ଗତି ଗମ ଜ୍ଞାନ ପରାଓ୍ୱରେ, ପ୍ରକଟ ଅରୂପ ଅନାମ ॥୧୩॥**

ଭାଷ୍ୟ - ସର୍ବ ଘଟରେ ବ୍ୟାପକ ସତ୍ ପୁରୁଷ ସଦ୍‌ଗୁରୁ-ଭେଦ ଗମନ ଗତିରେ ଚେତନ ମହାମଣ୍ଡଳ ସମାଧିଧାମରେ ପ୍ରାପ୍ତ ହୋଇଥାନ୍ତି ଓ ଚେତନ ସମଦୃଷ୍ଟି ଦ୍ୱାରା ପର-ଅପର ଭେଦରେ ଅରୂପ, ଅବ୍ୟକ୍ତ, ଚେତନ ନାମର ପ୍ରକଟ ଅନୁଭବ ହୋଇଥାଏ ।

**ବାହର ବାହର କ୍ୟା ଫିରୋ, ଖୋଜି ଘଟ ଗୁରୁ ଜ୍ଞାନ ।**
**ଚିନ୍ତାମଣି କା ତେଜ ମେଁ, ଦରଶତ ପୁରୁଷ ମହାନ ॥୧୪॥**

ଭାଷ୍ୟ - ବାହାରେ ବୃଥା ଭ୍ରମଣ କରୁଛ । ନିଜର ଆତ୍ମା ଭିତରେ ସଦ୍‌ଗୁରୁ-ଭେଦ-ବିଜ୍ଞାନ ଦ୍ୱାରା ଯୋଗଯୁକ୍ତିରେ ଖୋଜିଲେ ସଦ୍‌ଗୁରୁଙ୍କର ବିମଳ ପ୍ରକାଶରେ ଅକ୍ଷରପାର ମହାନ୍ ଚେତନ ସତ୍‌ପୁରୁଷ ପ୍ରତ୍ୟକ୍ଷ ହେବେ ।

**କ୍ୟା କସରତ ତନ କୀ କରୋ, କ୍ୟା ମୁଖ ସେ ଓ୍ୱିଲଲାୟ ।**
**ଓ୍ୱାଣୀ ଚାର ଓ୍ୱିଲୀନ ମେଁ, ଅନ୍ତ ଝଲକ କୁଛ ଆୟ ॥୧୫॥**

ଭାଷ୍ୟ - ଶରୀରର କସରତ କଣ କରୁଛ, ଉଠାବସା କରି ନାଚିକୁଦି ଏବଂ ମୁଖରେ ରୋଦନ ଅବା ପ୍ରାର୍ଥନା କଲେ କଣ ହେବ ? ସେହି ପ୍ରଭୁ ମନ, ବାଣୀ କିମ୍ବା ଇନ୍ଦ୍ରିୟମାନଙ୍କର ବିଷୟ ନୁହନ୍ତି । ଚାରି ବାଣୀର ବିଲୀନ ହେବାପରେ ପରିଶେଷରେ କିଛି ପ୍ରକାଶ ପ୍ରାପ୍ତ ହୋଇଥାଏ । ସେହି ପ୍ରଭୁ ବାଣୀର ବିଷୟ ନୁହନ୍ତି ।

## ଶ୍ରାବଣ ସୋମବାରର ପୌରାଣିକ କଥା

ଦୀର୍ଘ ୧୯ ବର୍ଷ ପରେ ପୁଣିଥରେ ଯୋଡ଼ା ଶ୍ରାବଣ ଯୋଗ ଆସିଛି । ଶ୍ରାବଣ ମାସ ହେଉଛି ମହାଦେବଙ୍କର ଅତି ପ୍ରିୟ । ଏହାର କାରଣ ପଛରେ ଏକ ପୌରାଣିକ କାହାଣୀ ରହିଛି । ଦକ୍ଷ ପୁତ୍ରୀ ସତୀ ଯଜ୍ଞାଗ୍ନିରେ ଦେହତ୍ୟାଗ କରିବାର ଅନେକ ବର୍ଷ ପରେ ହିମାଳୟ ରାଜା ହିମାବନ୍ତଙ୍କ ଘରେ ପାର୍ବତୀ ଭାବେ ଜନ୍ମ ନେଲେ । ଶିବଙ୍କୁ ବରଣ କରିବା ପାଇଁ ଶ୍ରାବଣ ସୋମବାରର ବ୍ରତ ନିଷ୍ଠାର ସହ ପାଳନ କରି ତପସ୍ୟାରେ ମଗ୍ନ ରହିଲେ । ମହାଦେବ ଦେବୀ ପାର୍ବତୀଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ତାଙ୍କୁ ପତ୍ନୀ ଭାବେ ସ୍ୱୀକାର କଲେ । ତେଣୁ ଶିବଙ୍କ କୃପାଲାଭ କରିବା ପାଇଁ ଶ୍ରାବଣ ସୋମବାର ବ୍ରତ କରାଯାଇଥାଏ । ଏହି ପୌରାଣିକ ଆଖ୍ୟାନ ବ୍ୟତୀତ ଆଧାତ୍ମିକ ମାନ୍ୟତା ରହିଛି ଯେ, ଶ୍ରାବଣ ମାସରେ ମହାଦେବ କୈଳାସ ତ୍ୟାଗ କରି ସୃଷ୍ଟିର ସଞ୍ଚାଳନ ପାଇଁ ଧରିତ୍ରୀକୁ ଆଗମନ କରିଥାନ୍ତି । ତେଣୁ ଶ୍ରାବଣ ମାସରେ ଭୋଳାନାଥଙ୍କ କୃପା ପାଇବା ପାଇଁ ଭକ୍ତମାନେ ଜଳାଭିଷେକ କରିବା ସହିତ ବିଧିବିଧାନର ସହ ପୂଜାର୍ଚ୍ଚନା କରିଥାନ୍ତି । କାଉଡ଼ି ଯାତ୍ରାକୁ ନେଇ ଅନେକ ପୌରାଣିକ କାହାଣୀ ଓ କିମ୍ବଦନ୍ତୀ ପ୍ରଚଳିତ । ସେସବୁ ମଧ୍ୟରୁ ମୁଖ୍ୟ ଚର୍ଚ୍ଚିତ କାହାଣୀ ଅନୁସାରେ, ରାବଣ ହେଉଛନ୍ତି ପ୍ରଥମ କାଉଡ଼ିଆ । ସମୁଦ୍ର ମନ୍ଥନ ସମୟରେ ହଳାହଳ ବିଷ ପାନ କରିଥିବା ଶିବଙ୍କର ଶାରୀରିକ ଜ୍ୱାଳାକୁ ଶାନ୍ତ କରିବା ପାଇଁ ରାବଣ ଅନେକ ବର୍ଷ ପର୍ଯ୍ୟନ୍ତ ଜଳ ଭାର ନେଇ ଜଳାଭିଷେକ କରିବା ସହ କଠୋର ତପ କରିଥିଲେ, ଯାହାର ପ୍ରଭାବରେ ବିଷଜ୍ୱାଳା ଶାନ୍ତ ହୋଇଥିଲା ।

କାମଧେନୁ ଗୋମାତାଙ୍କୁ ବଳପୂର୍ବକ ହାସଲ କରିବା ପାଇଁ ରାଜା ସହସ୍ରବାହୁ ଋଷି ଜମଦଗ୍ନିଙ୍କ ହତ୍ୟା କରିଦେଲେ । ଏହାର ପ୍ରତିଶୋଧ ନେବା ପାଇଁ ପର୍ଶୁରାମ ସହସ୍ରବାହୁଙ୍କ ସବୁ ଭୁଜଗୁଡ଼ିକୁ ଶରୀରରୁ ଛିନ୍ନ କରିଦେଲେ । ପରବର୍ତ୍ତୀ ସମୟରେ ଏହାର ପ୍ରାୟଶ୍ଚିତ ସ୍ୱରୂପ ପର୍ଶୁରାମ ଶିବଙ୍କୁ ଗଙ୍ଗାଜଳରେ ଜଳାଭିଷେକ କରିବା ପାଇଁ ପଦଯାତ୍ରା ଆରମ୍ଭ କରିଥିଲେ, ଯେଉଁଠାରୁ କାଉଡ଼ିଆ ଯାତ୍ରାର ଆରମ୍ଭ ହୋଇଛି ବୋଲି ମଧ କୁହାଯାଏ ।

## ଟିକିଏ ହସନ୍ତୁ

**ଡକ୍ଟର :** ରାତିରେ ଟେନସନ୍ ଧରି ଶୋଇବା ଉଚିତ୍ ନୁହେଁ ।
**ରୋଗୀ :** ତା'ହେଲେ କ'ଣ ତା'କୁ ବାପଘରକୁ ପଠେଇ ଦେବି ।

× × × × ×

ପପୁ-ଗପୁ କଥାବାର୍ତ୍ତା ହେଉଥିଲେ ।
**ପପୁ :** ବସ୍ ମତେ ବହୁତ ହଇରାଣ କରୁଥିଲା । କାଲି ସନ୍ଧ୍ୟାବେଳେ ମୁଁ ତା'ର ଖାଲି ଟିଫିନ୍‌ରେ ଦୁଇଟା ଚକୋଲେଟ ରଖି ଦେଇ ଆସିଲି ତା'ସହିତ ଗୋଟିଏ ଚିଠି ।
**ଗପୁ :** ଚିଠିରେ କ'ଣ ଲେଖାଥିଲା ?
**ପପୁ :** ଜାନୁ ଦୁଇଟା ଯାକ କେବଳ ତୁମେ ଖାଇବ । ସେ ଭୂତୁଣୀକୁ ଦେବନି । ଆଜି ବସ୍ ଛୋଟେଇ ଛୋଟେଇ ଅଫିସ୍ ଆସିଛନ୍ତି । ଗୋଟିଏ ଆଖି ତାଙ୍କର ଖୋଲୁନି ।
**ଗପୁ :** ହାଃ ହାଃ ।

× × × × ×

**ସ୍ତ୍ରୀ :** ଶୁଣୁଛ, ତୁମ ପୁଅ ଆଜିକାଲି ଅଧିକ ଟଙ୍କା ଉଡ଼ାଇବାକୁ ଲାଗିଲାଣି । ଯେଉଁଠି ବି ଲୁଚାଇ ରଖୁଛି ଖୋଜି ନେଇଯାଉଛି ।
**ସ୍ୱାମୀ :** ତୁ ତା'ବହିରେ ଲୁଚାଇ ରଖିଦେ ପରୀକ୍ଷା ପର୍ଯ୍ୟନ୍ତ ତ ଖୋଜି ପାଇପାରିବ ନାହିଁ ।



× × × ×

**ସୋନୁ :** ତୁ ଅପରେସନ ନ କରି ହସ୍ପିଟାଲରୁ ଚାଲି ଆସିଲୁ କାହିଁକି ?
**ଚିଣ୍ଟୁ :** ନର୍ସ ବାରମ୍ବାର କହୁଥିଲା ଜମା ଡରନି, ସାହସ ରଖ କିଛି ହେବନି । ଏଇଟା ଗୋଟିଏ ଛୋଟ ଅପରେସନ ।
**ସୋନୁ :** ଏଥିରେ ଡରିବାର କ'ଣ ଥିଲା ? ନର୍ସ ତ ଠିକ କହୁଥିଲେ ।
**ଚିଣ୍ଟୁ :** ଆରେ ସାଙ୍ଗ ସେ ମତେ ନୁହେଁ ଡକ୍ଟରଙ୍କୁ କହୁଥିଲେ ।

× × × × × ×

ଟ୍ରେନ୍‌ରେ ଜଣେ ଗାଉଁଲି ମହିଳା ନିଜ କୁନି ପୁଅର ପ୍ୟାଣ୍ଟ ବଦଳାଉ ଥାଆନ୍ତି । ଏହା ଦେଖି ଆଉ ଜଣେ ମହିଳା : ହଗିସ୍ ନାହିଁ କି ?
ଗାଉଁଲି ମହିଳା : ନାଇଁ ମାଡାମ୍, ଖାଲି ମୁତିସ୍ ହେଇଛି ।

× × × × ×

ସୁଲୋଚନା ଚିନି ଡବାରେ ଲଙ୍କା ଓ ଲଙ୍କା ଡବାରେ ଚିନି ଲେଖିଥାଆନ୍ତି ।
ଏହା ଦେଖି ତାଙ୍କ ଶାଶୁ : ଆଲୋ, ଇଏ କ'ଣ ଓଲଟା ଲେଖିଛୁ ?
**ସୁଲୋଚନା :** ମା' ଧୀରେ କୁହ । ମୁଁ ପରା ପିମ୍ପୁଡିଙ୍କୁ ବୋକା ବନେଇବା ପାଇଁ ଏମିତି ଲେଖିଛି ।

## କୋଲେଷ୍ଟରଲ୍ କମାଉଥିବା ଖାଦ୍ୟ

କୋଲେଷ୍ଟରଲ୍ ବୃଦ୍ଧି ପାଇଲେ ହୃଦଜନିତ ସମସ୍ୟା ବା ହାର୍ଟ ଆଟାକ୍ ହେବାର ଆଶଙ୍କା ରହିଛି । ତେଣୁ କେତେକ ଖାଦ୍ୟ କୋଲେଷ୍ଟରଲକୁ କମ୍ କରିଥାଏ । ଶରୀରରେ କୋଲେଷ୍ଟରଲ୍ କମ୍ କରିବା ପାଇଁ ହେଲେ ଖାଦ୍ୟ ଉପରେ ଅଏଲ ଅଧିକ ଧ୍ୟାନ ଦେବାକୁ ହେବ । ଖାଦ୍ୟରେ ବଟର ବଦଳରେ ଅଲିଭ୍ ଅଏଲ ବ୍ୟବହାର କରନ୍ତୁ । କାରଣ ବଟରରେ ଥିବା ସାଚୁରେଟେଡ୍ ଫ୍ୟାଟ୍ ହାର୍ଟ ଲାଗି କ୍ଷତି ସାଧନ କରିଥାଏ । ଅନ୍ୟପକ୍ଷରେ ଅଲିଭ୍ ଅଏଲରେ ଥିବା ହେଲ୍‌ଦି ଫ୍ୟାଟ୍ ଶରୀର ପାଇଁ ଉପଯୋଗୀ ।

ଖାଲିପେଟରେ ପ୍ରଥମେ ଫଳ ଖାଇଲେ ପେଟ ଭର୍ତ୍ତିହୋଇ ରହିଥାଏ ଏବଂ କୋଲେଷ୍ଟରଲ୍ କମ୍ ହୋଇଥାଏ । ଆଳୁ ଚିପ୍ସ, ଫ୍ରେଞ୍ଚ ଫ୍ରାଇଜ୍, ବିଭିନ୍ନ ପ୍ରକାରର ଲୁଣି ସ୍ନାକ୍ସ ଓ ବିସ୍କୁଟ ଆଦି ଖାଇବା ବନ୍ଦ କରନ୍ତୁ । ଏହା ବଦଳରେ ବୁଟ, ଅଳସି ଆଦି ବିଭିନ୍ନ ପ୍ରକାରର ମଞ୍ଜି ଜାତୀୟ ଖାଦ୍ୟ ଖାଆନ୍ତୁ । ଅଧିକ ଥର ଭାତ ଖାଇଲେ ମଧ କୋଲେଷ୍ଟରଲ୍ ବୃଦ୍ଧି ପାଇଥାଏ । ତେଣୁ ଭାତ ବଦଳରେ ବ୍ରାଉନ୍ ରାଇସ୍ ଖାଆନ୍ତୁ । ଆଇସ୍‌କ୍ରିମ୍ ଖାଇବାକୁ ପସନ୍ଦ କରୁଥିଲେ ଦହିକୁ ଫ୍ରିଜରେ ରଖି ଖାଇପାରିବେ । ଏଥିରେ କମ୍ କ୍ୟାଲୋରୀ ଥିବାରୁ କୋଲେଷ୍ଟରଲ୍ ସ୍ତର କମିଥାଏ । ଯେଉଁମାନଙ୍କୁ ଚକ୍‌ଲେଟ୍ ଖାଇବା ପସନ୍ଦ ସେମାନେ କୋଲେଷ୍ଟରଲ୍ କମ୍ କରିବାକୁ ଚାହୁଁଥିଲେ ମିଲ୍କ ଚକୋଲେଟ୍ ବଦଳରେ ଡାର୍କ ଚକୋଲେଟ୍ ଖାଇପାରିବେ ।

## ପିଆଜର ଉପକାରିତା

**ପି**ଆଜକୁ ଗରୀବ ମାନଙ୍କର ସେଓ ବୋଲି କୁହାଯାଇଥାଏ । ଆୟୁର୍ବେଦରେ ପିଆଜକୁ ବହୁତ ଗୁଣକାରୀ ବୋଲି କୁହନ୍ତି । ପିଆଜ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ସହିତ ଏହା ଏକ ଔଷଧ ମଧ ଅଟେ । କିଛି ରୋଗ ଗୁଡିକ ପାଇଁ ଏହା ରାମବାଣ ଔଷଧ ରୂପେ କାମ କରିଥାଏ । ପିଆଜ ସବୁଜ ହେଉ, ଲାଲ ଏବଂ ଧଳା ଏହା ସ୍ୱାସ୍ଥ୍ୟ ପାଇଁ କୌଣସି ପ୍ରକାର ବରଦାନରୁ କମ୍ ନୁହେଁ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଏତେ ପରିମାଣରେ ବଢ଼ାଇଥାଏ ଯେ ରୋଗ ଗୁଡିକ ଆମ ଶରୀରର ଆଖପାଖ ମାଡି ନ ଥାଏ । ଏହା ଅରୁଚି ଏବଂ ଗନ୍ଧଜନିତ ସ୍ଥିତି ନ ଉପୁଜିବାରେ ବିଶେଷ ଲାଭପ୍ରଦ ଅଟେ ।



ପିଆଜ ଶରୀରରେ ଥିବା ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ । ଏହା କେତେକ ରୋଗ ଗୁଡିକୁ ଆମ ଶରୀର ପାଖକୁ ଆସିବାକୁ ଦେଇ ନ ଥାଏ । ସବୁ ପ୍ରକାର ତରକାରୀ କରିବା ଆଗରୁ ପିଆଜକୁ ବ୍ୟବହାର କରାଯାଇଥାଏ । ଏଥିରେ ଭିଟାମିନ୍ -ସି ପ୍ରଚୁର ମାତ୍ରାରେ ଥିବା ଯୋଗୁଁ ଶରୀର ପାଇଁ ବିଶେଷ ଲାଭକାରୀ ଅଟେ । ପିଆଜ କ୍ୟାନସର୍ ଭଳି ରୋଗରେ ମଧ ସହାୟକ ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥାଏ । ଏଥିରେ ଥିବା ଭିଟାମିନ୍ ବହୁତ ଗୁଡାଏ ରୋଗ ଗୁଡିକୁ କମାଇବାରେ ସହାୟକ ହୋଇଥାଏ ।

ପିଆଜକୁ ଖାଇବା ଦ୍ୱାରା ଯୌନଶକ୍ତି ବୃଦ୍ଧି ହୋଇଥାଏ । ଆହାର ବିଶେଷଜ୍ଞ ମାନଙ୍କ ମତରେ ଏହା ଯୌନ ଦୁର୍ବଳତାକୁ ଦୁର କରିବାରେ ବହୁତ ଉପଯୋଗୀ ହୋଇଥାଏ । ଯୌନଶକ୍ତିର ସମ୍ବର୍ଦ୍ଧନ ଏବଂ ସଂରକ୍ଷଣ ପାଇଁ ପିଆଜ ଏକ ଶସ୍ତା ଏବଂ ସୁଲଭ ବିକଳ୍ପ ଅଟେ ।

ପିଆଜ ଶରୀରର ପାଚନତନ୍ତ୍ରକୁ ଦୃଢ଼ କରିଥାଏ । ପିଆଜ ଖାଇବା ଦ୍ୱାରା ହଜମ ହେବାରେ ସାହାଯ୍ୟ କରିଥାଏ । ପିଆଜ ଖାଇବା ଦ୍ୱାରା ପାଚକ ରସର ଶରୀରରେ ସଞ୍ଚାଳନ ଅଧିକ ହୋଇଥାଏ । ଯାହାଦ୍ୱାରା ଖାଇବା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ । ପିଆଜରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥାଏ । ଭିଟାମିନ୍ ଏ, ସି ଏବଂ ଇ' ରଗନ୍ତାଘର ଚେହେରାକୁ ସତେଜ କରିବାରେ ସହାୟକ ହୋଇଥାଏ ।

## ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'

**ବା**ତରକ୍ତର ଏକ ଗମ୍ଭୀର ସମସ୍ୟା । ଯେଉଁ କାରଣରୁ ପୀଡିତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଜଏଣ୍ଟ ପେନର ସମ୍ମୁଖୀନ ହେବାକୁ ପଡେ । ଆଜିକାଲି ଅନେକ ଲୋକଙ୍କ ଠାରେ ଏହି ଗମ୍ଭୀର ସମସ୍ୟା ଦେଖିବାକୁ ମିଳୁଛି । ଏହାର ମୁଖ୍ୟ କାରଣ ଶରୀରରେ ୟୁରିକ ଏସିଡର ମାତ୍ରାଧିକ ବୃଦ୍ଧି । ଅଚାନକ ମେଦବୃଦ୍ଧି କିମ୍ବା ଓଜନ ବୃଦ୍ଧି ଦ୍ୱାରା ମଧ ୟୁରିକ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ । କିନ୍ତୁ ଏକ ବିଶେଷ ଉପଚାର ମାଧମରେ ଏହି ରୋଗଠାରୁ ସବୁଦିନ ପାଇଁ ରକ୍ଷା ପାଇହେବ । କଞ୍ଚା ଅମୃତଭଣ୍ଡା ଚା' । ଏହା ରକ୍ତବାତ ରୋଗ ଭଲ କରିବାରେ ସହାୟକ ହୋଇଥାଏ । ନିୟମିତ ଭାବେ ଦିନକୁ ଥରେ ଲେଖାଏ ଏହି ଚା' ସେବନ କଲେ ରକ୍ତବାତ ସମସ୍ୟାରୁ ଉପଶମ ମିଳେ । ଏହାଛଡ଼ା ହାଡ଼ ମଧ ମଜଭୁତ ରହେ । ଅମୃତ ଭଣ୍ଡା ଚା' ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା । କିନ୍ତୁ ଚିକିତ୍ସା ବିଜ୍ଞାନ ଜଗତରେ ଏହି ଚା'ର ବିଶେଷ ମହତ୍ତ୍ୱ ରହିଛି । ଗଣ୍ଠିବାତ ଯନ୍ତ୍ରଣା ବ୍ୟତୀତ ଏହି ଚା' ଆହୁରି



ଅନେକ ରୋଗର ନିଦାନରେ ସାହାଯ୍ୟ କରିଥାଏ । ଅମୃତ ଭଣ୍ଡା ଶରୀରରେ ୟୁରିକ୍ ଏସିଡ୍ ମାତ୍ରାକୁ ହ୍ରାସ କରିଥାଏ । ଏହି ଚା' ପ୍ରସ୍ତୁତି ପାଇଁ ପ୍ରଥମେ ଅମୃତଭଣ୍ଡାକୁ ଛୋଟ ଛୋଟ ଟୁକୁଡ଼ା କରି ପାଣିରେ ଧୋଇବାକୁ ପଡେ । ପରେ ଏକ ପାତ୍ରରେ ୨ କପ୍ ପାଣି ଦେଇ ଏହି ଟୁକୁଡ଼ାକୁ କିଛି ସମୟ ଆଞ୍ଚରେ ବସାଯାଏ । ପରେ ପାଣିକୁ ଛାଣି ସେଥିରେ ଗ୍ରୀନ୍ ଟି' ବ୍ୟାଗ୍ ପକାଇ ଗରମ ଗରମ ପିଅନ୍ତୁ । ଏହି ଚା' ପିଇବା ଦ୍ୱାରା ରକ୍ତବାତ ରୋଗ ତ ଭଲ ହୁଏ । ତା' ସାଙ୍ଗକୁ ପୁରୁଣା ଯନ୍ତ୍ରଣାରୁ ମଧ ଉପଶମ ମିଳିଥାଏ ।

## ଆପଣ ଜାଣନ୍ତି କି ?

- ହାତୀ ଦୈନିକ ୨ ରୁ ୩ ଘଣ୍ଟା ଶୋଇଥାନ୍ତି । ଅନ୍ୟ ସମୟଗୁଡିକୁ ଏମାନେ କେବଳ ଖାଇବାରେ ବ୍ୟବହାର କରନ୍ତି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୁଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ । ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।
- ସବୁଠାରୁ ଚତୁର ତଥା ବୟୋଜ୍ୟେଷ୍ଠ ମାଈ ହାତୀ ହିଁ ହାତୀ ଗୋଠର ମାର୍ଗ ଦର୍ଶକ ହୋଇଥାଏ ।
- ପୁରୁଷ ହାତୀମାନେ ୧୨ ବର୍ଷର ହୋଇଯିବା ପରେ ନିଜ ଇଚ୍ଛା ଅନୁଯାୟୀ ଗୋଠ ଛାଡି ପଳାଇ ଯାଇ ପାରନ୍ତି । ସମ୍ପୂର୍ଣ୍ଣ ବୁଢ଼ା ନ ହେବା ପର୍ଯ୍ୟନ୍ତ ଏମାନେ ନିଜର ଏକ ସ୍ୱତନ୍ତ୍ର ଗୋଠ କରି ସ୍ୱାଧୀନ ଜୀବନ ବଞ୍ଚନ୍ତି ।

## ତ୍ୱଚାର ଗ୍ଲୋ ବଢ଼ାଏ ଚିନାବାଦାମ

**ଆ**ଖି ତଳ କଳାଦାଗ, ଆଖି କୁଣ୍ଡେଇ ହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ । ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ । ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ ମୁକ୍ତିମିଳେ ।



ବାଦାମରେ ଭିଟାମିନ୍- ଇ ଥିବାରୁ ଏହାକୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ । ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥବା ଟ୍ୟାନିଂ ଭଳି ସମସ୍ୟା ଦୂର ହୋଇଥାଏ । ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ ।

ଏଥରେ ଆଣ୍ଟି—ଅକ୍ସିଡାଣ୍ଟ ଓ ଭିଟାମିନ୍ ଥିବାରୁ ଏହା ଶରୀରର ଚମକ ବଢ଼ାଇଥାଏ । ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ କରିବା ପାଇଁ ଚିନାବାଦାମ ତେଲ ବ୍ୟବହାର କରାଯାଇଥାଏ । ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ । ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ରକ୍ତ ପ୍ରବାହ ଭଲ ହେବା ଦ୍ୱାରା କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ । ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ ଦୂର କରିଥାଏ ।

## ଭିଟାମିନ୍‌ରେ ଭରପୁର ପାଳଙ୍ଗ ଶାଗ

**ସ**ବୁଜ ପନିପରିବା କଥା ଉଠିଲେ ସବୁଠୁ ଆଗରେ ପାଳଙ୍ଗ ଶାଗର ନାଁ ଉଠିଥାଏ । ପାଳଙ୍ଗ ଶାଗ ଶରୀର ପାଇଁ ଆବଶ୍ୟକ ଆମିନୋ ଏସିଡ୍, ଭିଟାମିନ୍ -ଏ, କୋଲିକ୍ ଏସିଡ୍, ପ୍ରୋଟିନ୍ ଏବଂ ଲୌହ ତତ୍ତ୍ୱ ଭରପୁର ମାତ୍ରାରେ ମିଳିଥାଏ । ଏଥିରେ ବିଟା କେରୋଟିନ୍ ନାମକ ଭିଟାମିନ୍ ଥାଏ ଯାହାକି ଆଖି ପାଇଁ ବହୁତ ଲାଭଦାୟକ ଅଟେ । ଏହାକୁ ତରକାରୀ, ସାଲାଡ୍, ସୁପ୍ ସବୁ ପ୍ରକାରର ବନାଯାଇ ଖିଆଯାଇ ପାରିବ ।



ଗର୍ଭବତୀ ସ୍ତ୍ରୀ ମାନଙ୍କରେ ଫଲିକ୍ ଏସିଡର ଆବଶ୍ୟକ ଦୂରକରିବା ପାଇଁ ଲାଭଦାୟକ ହୋଇଥାଏ । ଏହା ଦ୍ୱାରା ହିମୋଗ୍ଲୋବିନ କମିଥାଏ । ଏଥିରେ ଥିବା କ୍ୟାଲସିୟମ ବଢୁଥିବା ପିଲାମାନେ, ବୟସ୍କଲୋକ ଏବଂ ସ୍ତନ୍ୟପାନ କରାଉ ଥିବା ମହିଳା ମାନଙ୍କ ପାଇଁ ଲାଭଦାୟକ ଅଟେ । ଏହାଦ୍ୱାରା ସ୍ମରଣଶକ୍ତି ମଧ ବଢ଼ିଥାଏ । ପାଳଙ୍ଗରେ ଥିବା ଫ୍ଲୋବୋନୋଏଡସ୍ କାମ କରିବା ଫଳରେ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରାଇ ହୃଦରୋଗରେ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଏଥିରେ ମିଳୁଥିବା ବିଟା କେରୋଟିନ୍ ଏବଂ ଭିଟାମିନ୍ ସି, ଟି, ବି, ରୁ ବଞ୍ଚାଇଥାଏ । ଏହା ଆର୍ଥାରାଇଟିସ୍ ଓ ଅଷ୍ଟଓପରୋସିସ୍‌ର ଆଶଙ୍କାକୁ ମଧ ଘଟାଇଥାଏ ।

ପାଳଙ୍ଗଶାଗ ଆଖି ପାଇଁ ବହୁତ ଲାଭଦାୟକ ହୋଇଥାଏ । ଏହା ତ୍ୱଚାକୁ ରୁକ୍ଷ ହେବାରେ ବଞ୍ଚାଇଥାଏ । ଏହା ସହିତ କେଶ ନ ଝଡିବାରେ ସାହାଯ୍ୟ କରିଥାଏ । ପାଳଙ୍ଗର ପେଷ୍ଟକୁ ଚେହେରାରେ ଲଗାଇଲେ ତ୍ୱଚା ସୁନ୍ଦର ହୋଇଥାଏ । ଗୋଟିଏ କପ୍ ପାଳଙ୍ଗର ପରିମାଣ ୭ ଗ୍ରାମ କ୍ୟାଲୋରୀ ଥାଏ ଯାହାକି ଓଜନ ଘଟାଇବାରେ ସହାୟକ ହୋଇଥାଏ । ଏହା ଡାଇବେଟିସ୍ ରୋଗୀ ମାନଙ୍କ ପାଇଁ ଲାଭକାରୀ ଅଟେ । ଏଥିରେ ଥିବା ଭିଟାମିନ୍, ମିନରାଲ, ଆଣ୍ଟି ଅକ୍ସିଡାଣ୍ଟ ଡାଇବେଟିସ୍ ରୋଗରେ ଗ୍ଲୁକୋଜର ମାତ୍ରା କମ୍ କରିବାରେ ସହାୟକ ହୋଇଥାଏ ।

## କହିପାରିବେ କି ?

(୧) କେଉଁଠି ବିଗ୍‌ବେନ୍ ଘଣ୍ଟା ଅଛି ?
(୨) ଓମ୍ପାୟର ଷ୍ଟେଟ୍ ବିଲିଡିଙ୍ଗ୍ କେଉଁଠି ଅଛି ?
(୩) ବାର୍ସାଇଲ୍ ବନ୍ଦୀଶାଳା କେଉଁଠି ରହିଛି ?
(୪) ହାଇଡ୍ ପାର୍କ କେଉଁଠାରେ ?
(୫) ଓ୍ୱେଷ୍ଟମିନିଷ୍ଟର ଆବେ କେଉଁଠି ରହିଛି ?
(୬) ଯୁକ୍ତରାଷ୍ଟ୍ର ଆମେରିକା କେଉଁ ଉଡାଜାହାଜ ନିର୍ମାଣ କରିଥିଲେ ?
(୭) ଇଂଲଣ୍ଡର କେଉଁ ବୈଜ୍ଞାନିକ ଆଣବିକ ଶକ୍ତି ବାହାର କରିଥିଲେ ?
(୮) ଯୁକ୍ତରାଷ୍ଟ୍ର କେଉଁ ବୈଜ୍ଞାନିକ ଅଣୁବୋମା ତିଆରି କରିଥିଲେ ?
(୯) ଜର୍ମାନୀର କେଉଁ ବୈଜ୍ଞାନିକ ଆସ୍ପିନ୍ ଉଦ୍ଭାବନ କରିଥିଲେ ?
(୧୦) ଆମେରିକାର କିଏ ବଲପଏଣ୍ଟ ପେନ୍ ଉଦ୍ଭାବନ କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) USODE | = | 6) CGLIRA | = |
| 2) NIPSGR | = | 7) PHYHNE | = |
| 3) YUOJLF | = | 8) PLEEO | = |
| 4) TYEPT | = | 9) RNABD | = |
| 5) DYLOD | = | 10) RYENLA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଆରିଷ୍ଟୋଟଲ, ୨.ରାଷ୍ଟ୍ର,୩.ଆମେରିକା, ୪.ଅଧାପକ ଆଇଭର ବ୍ରାଉନ୍, ୫.ମାକିଆ ଭେଲି, ୬.ଜନ୍ ଲକ୍, ୭. ରାଜତନ୍ତ୍ର, ୮.ମିଶର, ୯.ପିସା (ଇଟାଲୀ), ୧୦.ଲଣ୍ଡନ ।

***Jumble Words*** ର ଉତ୍ତର :-

(1) RANCID (2) WEIGH (3) SUEDE (4) TEDIUM (5) DOLLAR
(6) DUNCE (7) LINER (8) SURVEY (9) WARMTH (10) GRAVY

# ବିଜେଡି ସବୁଠୁ ଧନୀ ଆଞ୍ଚଳିକ ଦଳ

ଭୁବନେଶ୍ୱର : ଦେଶର ସବୁ ଆଞ୍ଚଳିକ ଦଳ ଭିତରେ ବିଜେଡି ନମ୍ବର-୧ ଧନୀ । ଗତ ୬ ବର୍ଷରେ ବିଜେଡିକୁ ସର୍ବାଧିକ ୬୯୨ କୋଟି ଟଙ୍କାର ରାଜନୈତିକ ଚାନ୍ଦା ମିଳିଛି । ଏଥିରୁ ଇଲେକ୍ଟୋରାଲ ବଣ୍ଡରେ ୬୨୨ କୋଟି ଟଙ୍କାର ଚାନ୍ଦା ମିଳିଛି । କର୍ପୋରେଟ ସଂସ୍ଥାଠାରୁ ୬୭ କୋଟି ଟଙ୍କାର ଚାନ୍ଦା (କର୍ପୋରେଟ ଡୋନେସନ୍) ଗ୍ରହଣ କରିଛି ବିଜେଡି । ଦେଶରେ ଜାତୀୟ ଦଳ ଭାବେ ବିଜେପି ସବୁଠୁ ଅଧିକ ଚାନ୍ଦା ନେଇଛି । ନ୍ୟାସନାଲ ଇଲେକ୍ସନ ୱାଚ୍ ଓ ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ ଜାରି କରିଥିବା ଅନୁଶୀଳନ ରିପୋର୍ଟରେ ଏହା ଦର୍ଶାଇଛି ।

୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୨୧-୨୨ ଭିତରେ ବିଜେଡି ସର୍ବାଧିକ ୬୯୨ କୋଟି ଟଙ୍କାର ଚାନ୍ଦା ପାଇଛି । ଏହା ପଛକୁ ରହିଛି ଟିଆରଏସ୍ । ଏହା ୪୭୬ କୋଟି ଟଙ୍କା ଚାନ୍ଦା ହାତେଇଛି । ଡିଏମ୍‌କେ ୪୭୫ କୋଟି ଏବଂ ୱାଇଏସ୍‌ଆର କଂଗ୍ରେସ ୪୫୬ କୋଟି ଟଙ୍କାର ଚାନ୍ଦା ପାଇଛି । ବିଜେଡି ପାଇଥିବା ମୋଟ ଚାନ୍ଦା ଭିତରୁ ପ୍ରାୟ ୯୦% ଚାନ୍ଦା ଇଲେକ୍ଟୋରାଲ ବଣ୍ଡ ଜରିଆରେ ଗ୍ରହଣ କରିଛି । ଇଲେକ୍ଟୋରାଲ ବଣ୍ଡରେ ବିଜେଡି ୬୨୨ କୋଟି ଟଙ୍କାର ଚାନ୍ଦା ନେଇଛି । ଡିଏମ୍‌କେ ୪୩୧ କୋଟି, ଟିଆରଏସ୍ ୩୮୩ କୋଟି ଏବଂ ୱାଇଏସ୍‌ର କଂଗ୍ରେସ ୩୩୦ କୋଟି ଟଙ୍କା ଚାନ୍ଦା ଇଲେକ୍ଟୋରାଲ ବଣ୍ଡରେ ନେଇଛନ୍ତି ।

ଆଞ୍ଚଳିକ ଦଳ ଭିତରେ ଶିବସେନା ସବୁଠୁ ଅଧିକ କର୍ପୋରେଟ ଡୋନେସନ୍ ପାଇଛି । ଏହା ୧୧୭ କୋଟି ଟଙ୍କାର କର୍ପୋରେଟ୍ ଚାନ୍ଦା ପାଇଥିବାବେଳେ ୱାଇଏସ୍‌ଆର କଂଗ୍ରେସ ୧୦୧ କୋଟି ଟଙ୍କା ପାଇଛି । ଜେଡିୟୁ ୮୧ କୋଟି ଓ ଏଆଇଏଡିଏମକେ ୫୪ କୋଟି ଟଙ୍କାର କର୍ପୋରେଟ୍ ଚାନ୍ଦା ପାଇଛି । ତେବେ ବିଏସ୍ (ବହୁଜନ ସମାଜବାଦୀ ପାର୍ଟି) କୌଣସି କର୍ପୋରେଟ ଚାନ୍ଦା ପାଇନି ବୋଲି ଦର୍ଶାଇଛି । ସିପିଆଇ ମଧ ୨୦୧୮-୧୯ ଓ ୨୦୨୧-୨୨ ଆର୍ଥିକ ବର୍ଷରେ କୌଣସି କର୍ପୋରେଟ୍ ଚାନ୍ଦା ପାଇନଥିବା କହିଛି ।

ଜାତୀୟ ଦଳ ଭିତରେ ବିଜେପି ସବୁଠୁ ଧନୀ ଦଳ ପାଲଟିଛି । ୬ ବର୍ଷରେ ବିଜେପି ସର୍ବାଧିକ ୧୦ହଜାର ୧୨୨ କୋଟି ଟଙ୍କାର ରାଜନୈତିକ ଚାନ୍ଦା ପାଇଛି । କଂଗ୍ରେସ ୧୫୪୭ କୋଟି ଓ ତୃଣମୂଳ କଂଗ୍ରେସ ୮୨୩ କୋଟି ଟଙ୍କାର ଚାନ୍ଦା ପାଇଛନ୍ତି । ବିଜେପି ଇଲେକ୍ଟୋରାଲ ବଣ୍ଡରୁ ୫ହଜାର ୨୭୧ କୋଟି ଟଙ୍କା ପାଇଛି । କଂଗ୍ରେସ ୯୫୨ କୋଟି ଓ ତୃଣମୂଳ କଂଗ୍ରେସ ୭୬୭ କୋଟି ଟଙ୍କାର ଚାନ୍ଦା ଇଲେକ୍ଟୋରାଲ ବଣ୍ଡ ଜରିଆରେ ନେଇଛନ୍ତି । କର୍ପୋରେଟ୍ ଡୋନେସନ୍ ଭାବେ ବିଜେପି ୩୨୯୯ କୋଟି ଟଙ୍କା ନେଇଥିବା ବେଳେ କଂଗ୍ରେସ ୪୦୬ କୋଟି ଓ ଏନ୍‌ସିପି ୧୦୯ କୋଟି ଟଙ୍କା ନେଇଛନ୍ତି । ତେବେ ୨୦୧୯ ନିର୍ବାଚନ ବର୍ଷରେ ରାଜନୈତିକ ଦଳମାନେ ସବୁଠୁ ଅଧିକ ଚାନ୍ଦା ପାଇଛନ୍ତି । ଏହି ବର୍ଷ ରାଜନୈତିକ ଦଳଗୁଡିକୁ ମୋଟ ୪୮୬୩ କୋଟି ଟଙ୍କାର ଚାନ୍ଦା ମିଳିଥିଲା । ୨୦୧୮-୧୯ରେ ୪୦୪୧ କୋଟି ଓ ୨୦୨୧-୨୨ରେ ୩୮୨୬ କୋଟି ଟଙ୍କାର ଚାନ୍ଦା ମିଳିଥିଲା । ସେହିଭଳି ୨୦୧୮-୧୯ରେ ୯ଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନ ସମୟରେ ସର୍ବାଧିକ ୧୧୧୩ କୋଟି ଟଙ୍କାର କର୍ପୋରେଟ୍ ଚାନ୍ଦା ମିଳିଥିଲା । ୨୦୧୯ ସାଧାରଣ ନିର୍ବାଚନ ବର୍ଷରେ ରାଜନୈତିକ ଦଳଗୁଡିକୁ ସର୍ବାଧିକ ୩୪୩୮ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ମିଳିଥିଲା ।

# ଆଇଆଇଏମରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ



ସମ୍ବଲପୁର: ସମ୍ବଲପୁର ଆଇଆଇଏମ ଶିକ୍ଷାନୁଷ୍ଠାନର ସ୍ଥାୟୀ କ୍ୟାମ୍ପସରେ ୨୦୨୩ରୁ ୨୫ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ନବମ ବ୍ୟାଚ ଏମ୍.ବି.ଏ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ ବେଦାନ୍ତ ଆଲୁମିନିୟମ ପ୍ରେସିଡେଣ୍ଟ ଡକ୍ଟର ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଓ କି ନୋଟ ସ୍ପିକର ଭାବେ ଡେଲୋଇଟ ପଟନର ଡ଼ାକ୍ଟର ସ୍ୱାତୀ ଅଗ୍ରୱାଲ ଯୋଗଦେଇ ଶିକ୍ଷା ସମ୍ବନ୍ଧୀୟ ଶିକ୍ଷଣୀୟ ଉପଦେଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଆଇଆଇଏମ୍ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ସମସ୍ତ ଛାତ୍ରଛାତ୍ରୀ ସମେତ ସମସ୍ତ ଅଧାପକ, ଅଧାପିକା ଉପସ୍ଥିତ ଥିଲେ । ଶେଷରେ ପ୍ରଫେସର ଶିବାନୀ ଶର୍ମା ଧନ୍ୟବାଦ ଦେଇଥିଲେ ।

# ରାସ୍ତାରୋକ ଆନ୍ଦୋଳନ ପ୍ରତ୍ୟାହୃତ

ସୁବର୍ଣ୍ଣପୁର : ବିନିକା ସହର ଗଜପତି ନଗର ପଡ଼ା ରେ ବର୍ଷା ପାଣି ଜମି ରହିବା ଓ ତାର ନିଷ୍କାସନ ପାଇଁ ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତାର ପ୍ରତିବାଦରେ ପଡ଼ାବାସୀ ବାଧ ହୋଇ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ଫଳରେ ଦୀର୍ଘ ୬ଘଣ୍ଟା ଧରି ରାସ୍ତାରେ ଗାଡ଼ି ମଟର ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇପଡ଼ିଥିଲା । ପରେ ପ୍ରଶାସନ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ପାଇଁ ଲିଖିତ ପ୍ରତିଶୃତି ଓ କାର୍ଯ୍ୟ ଆରମ୍ଭ କରିବା ପରେ ଆନ୍ଦୋଳନକାରୀ ରାସ୍ତାରୋକ ଆନ୍ଦୋଳନରୁ ହଟିଥିଲେ । ସୂଚନା ଯୋଗ୍ୟ ଯେ ବିନିକା ସହର ସୋନପୁର ପଟକୁ ଯାଇଥିବା ମୁଖ୍ୟ ରାସ୍ତାରେ ଗଜପତିନଗର ପଡା ରହିଛି । ଯଦି ସାମାନ୍ୟ ବର୍ଷା ହୁଏ ତେବେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପଡ଼ାବାସୀ ଆଣ୍ଠୁଏ ପାଣିରେ ଯିବା ଆସିବା କରୁଛନ୍ତି । ପ୍ରବଳ ବର୍ଷା ହେଲେ ସାରା ପଡ଼ା ଜଳମଗ୍ନ ହେବା ସହ ଲୋକଙ୍କ ଘରଦ୍ୱାରରେ ପାଣିର ଲହଡ଼ା ମାରିଥାଏ । ଜମି ରହୁଥିବା ବର୍ଷା ପାଣି ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ବିଭିନ୍ନ ରୋଗ ବ୍ୟାପୁଥିବା ପଡ଼ା ବାସୀ ଅଭିଯୋଗ କରିଛନ୍ତି । ଏହାର ସମାଧାନ ପାଇଁ ପୂର୍ବରୁ ପଡ଼ା ବାସୀଙ୍କ ତରଫରୁ ବିନିକା ଏନଏସି ଭାରପ୍ରପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ହେଲେ ସମସ୍ୟା ସମାଧାନ ନହେବାରୁ ବାଧ ହୋଇ ପଡ଼ା ବାସୀ ରାସ୍ତାକୁ ଓହ୍ଲାଇ ଥିଲେ । ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଆନନ୍ଦ ବାରିକ, ବରିଷ୍ଠ ବିଜେପି ନେତା କୃଷ୍ଣଚନ୍ଦ୍ର କୁମ୍ଭାରଙ୍କ ନେତୃତ୍ୱରେ ପଡ଼ାର ସମସ୍ତେ ଏକତ୍ରିତ ହୋଇ ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିନିକା ଥାନାଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ପୁଷ୍ପାଞ୍ଜଳି ନିଙ୍ଗୀ ଙ୍କ ସହ ପୋଲିସ ବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ପୂର୍ତ୍ତ ବିଭାଗ ଏସଡିଓ ଶୈଳେଶ ଡିଲକି, କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସୋରେନ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ ।

# ଭାରତର ଦାରିଦ୍ର୍ୟ ହ୍ରାସକୁ ଜାତିସଂଘର ପ୍ରଶଂସା

ନୂଆଦିଲ୍ଲୀ: ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତକୁ ଜାତିସଂଘ ପ୍ରଶଂସା କରିଛି । ୨୦୦୫-୦୬ରୁ ୨୦୧୯-୨୧ ପର୍ଯ୍ୟନ୍ତ ୧୫ ବର୍ଷ ଭିତରେ ଭାରତରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ରାକ୍ଷସ କବଳରୁ ଉଦ୍ଧାର ପାଇଛନ୍ତି । ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ବୋଲି ଏହି ରିପୋର୍ଟରେ ପ୍ରଦର୍ଶିତ ହୋଇଥିବା ଜାତିସଂଘ କହିଛି । ଉପଯୁକ୍ତ ତଥ୍ୟ ଅଭାବରୁ କରୋନା ମହାମାରୀ ଦାରିଦ୍ର୍ୟ ସ୍ଥିତିକୁ କିଭଳି ପ୍ରଭାବିତ କରିଛି ତାହା ଜଣାପଡ଼ି ନାହିଁ । ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ତଥ୍ୟ ଅନୁଯାୟୀ ଗତ ୧୫ ବର୍ଷରେ ଭାରତ ସମେତ ୨୫ଟି ଦେଶ ସଫଳତାର ସହ ସେମାନଙ୍କ ବିଶ୍ୱ ବହୁବିଧ ଦାରିଦ୍ର୍ୟ ସୂଚୀ (ଏମ୍‌ପିଆଇ)ରେ ଉନ୍ନତି ଆଣିଛନ୍ତି । ଭାରତ ବ୍ୟତୀତ କାମ୍ବୋଡିଆ, ଚୀନ୍, କଙ୍ଗୋ, ହଣ୍ଡୁରାସ, ଇଣ୍ଡୋନେସିଆ, ମରକୋ, ସର୍ବିଆ ଓ ଭିଏତନାମ୍ ମଧ ବଡ଼ ଧରଣର ସଫଳତା ପାଇଛନ୍ତି । ଜାତିସଂଘ ତଥ୍ୟ ଅନୁସାରେ ଭାରତ ୧୪୨.୮୬ କୋଟି ଜନସଂଖ୍ୟା ସହ ଚୀନକୁ ଅତିକ୍ରମ କରି ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାବେ ଉଭା ହୋଇଛି । ୨୦୦୫-୦୬ରେ ଭାରତର ଦାରିଦ୍ର୍ୟ ହାର ୫୫.୧ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା । ୨୦୧୯-୨୧ ସୁଦ୍ଧା ତାହା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି । ୨୦୦୫-୦୬ରେ ଭାରତରେ ୬୪.୫ କୋଟି ଲୋକ ବିଭିନ୍ନ ପ୍ରକାର ଦାରିଦ୍ର୍ୟ କବଳରେ ଥିଲେ । ୨୦୧୫-୧୬ ସୁଦ୍ଧା ତାହା ୩୭ କୋଟିକୁ ହ୍ରାସ ପାଇଥିଲା ଏବଂ ୨୦୧୯-୨୧ ସୁଦ୍ଧା ୨୩ କୋଟିକୁ ଖସିଆସିଛି ବୋଲି ଜାତିସଂଘ ତଥ୍ୟରୁ ଜଣାପଡ଼ିଛି । ପୁଷ୍ଟି କ୍ଷେତ୍ରରେ ଦାରିଦ୍ର୍ୟ ଥିବା ଲୋକମାନଙ୍କ ହାର ୨୦୦୫-୦୬ରେ ୪୪.୩ ପ୍ରତିଶତ ଥିଲା ଯାହା ୨୦୧୯-୨୧



ବେଳକୁ ୧୧.୮ ପ୍ରତିଶତକୁ ହ୍ରାସ ପାଇଛି । ସେହି ସମୟରେ ଶିଶୁ ମୃତ୍ୟୁ ହାର ୪.୫ ପ୍ରତିଶତରୁ ହ୍ରାସ ପାଇ ୧.୫ ପ୍ରତିଶତ ରହିଛି । ରୋଷେଇ ଇନ୍ଧନ ଦୃଷ୍ଟିରୁ ଇନ୍ଧନ ଦୃଷ୍ଟିରୁ ଦାରିଦ୍ର୍ୟ ଲୋକଙ୍କ ହାର ଏହି ୧୫ ବର୍ଷ ଭିତରେ ୫୨.୯ ପ୍ରତିଶତରୁ ୧୩.୯ ପ୍ରତିଶତକୁ ହ୍ରାସ ପାଇଛି । ପରିମଳ ଦୃଷ୍ଟିରୁ ଦାରିଦ୍ର୍ୟ ହାର ୫୦.୫ ପ୍ରତିଶତରୁ ୧୧.୩ ପ୍ରତିଶତକୁ ହ୍ରାସ ପାଇଛି । ପାନୀୟ ଜଳ ସୂଚୀ ଆଧାରରେ ଗରିବ ବିଚାର କରାଯାଉଥିବା ଲୋକଙ୍କ ହାର ୧୬.୪ ପ୍ରତିଶତରୁ ୨.୭ ପ୍ରତିଶକୁ, ବିଦ୍ୟୁତ କ୍ଷେତ୍ରରେ ୨୯ ପ୍ରତିଶତରୁ ୨.୧ ପ୍ରତିଶତ ଏବଂ ବାସଗୃହରେ ୪୪.୯ ପ୍ରତିଶତରୁ ୧୩.୬ ପ୍ରତିଶତକୁ ହ୍ରାସ ପାଇଛି । ୨୦ଟି ଦେଶ ଭିତରୁ ଭାରତ ଏହାର ଦାରିଦ୍ର୍ୟ ହାରକୁ ୨୦୦୫-୦୬ରୁ ୨୦୧୫-୧୬ ଭିତରେ ଦ୍ରୁତ ଗତିରେ ହ୍ରାସ କରିଛି ।

ବିଶ୍ୱର ୧୧୦ଟି ଦେଶର ୬୧୦ କୋଟି ଲୋକଙ୍କ ମଧରୁ ୧୧୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରେ ବାସ କରୁଛନ୍ତି । ସାହାରା ଆଫ୍ରିକୀୟ ଅଞ୍ଚଳରେ ୫୩.୪ କୋଟି, ଦକ୍ଷିଣ ଏସିଆରେ ୩୮.୯କୋଟି ଲୋକ ଦାରିଦ୍ର୍ୟ କବଳରେ ରହିଛନ୍ତି । ଏହି ଅଞ୍ଚଳ ଗୁଡ଼ିକରେ ପ୍ରତି ଛଅ ଜଣରେ ପାଞ୍ଚ ଜଣ ହେଉଛନ୍ତି ଗରିବ । ବିଶ୍ୱର ଦୁଇ ତୃତୀୟାଂଶ (୭୩ କୋଟି) ଗରିବ ଲୋକ ମଧମ ଆୟବର୍ଗର ଦେଶରେ ବାସ କରୁଛନ୍ତି । ଦାରିଦ୍ର୍ୟ ହ୍ରାସ ଲାଗି ଏହି ଦେଶଗୁଡ଼ିକରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ୧୮ ବର୍ଷରୁ କମ୍ ବୟସର ଶିଶୁଙ୍କ ଭିତରେ ଦାରିଦ୍ର୍ୟ ହାର ୨୭.୭ ପ୍ରତିଶତ ଥିବା ବେଳେ ବୟସ୍କଙ୍କ କ୍ଷେତ୍ରରେ ହାର ୧୩.୪ ପ୍ରତିଶତ ରହିଛି । ୮୪ ପ୍ରତିଶତ ଦରିଦ୍ର ଲୋକ ଗ୍ରାମାଞ୍ଚଳରେ ବାସ କରୁଛନ୍ତି । ସମଗ୍ର ବିଶ୍ୱରେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଗରିବ ରହିଛି । କାମ୍ବୋଡିଆ, ମେକ୍ସିକୋ, ମାଡଗାସକର, ପେରୁ ଓ ନାଇଜେରିଆରୁ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ କରୋନା ମହାମାରୀ ସମୟରେ ମଧ ଦାରିଦ୍ର୍ୟ ହ୍ରାସ ଧାରା ଜାରି ରହିଥିଲା ଯାହା ଏକ ସନ୍ତୋଷଜନକ ବିଷୟ ବୋଲି ଜାତିସଂଘ ଜଣାଇଛି । କିନ୍ତୁ ସାରା ବିଶ୍ୱରେ ଦାରିଦ୍ର୍ୟକୁ ମହାମାରୀ କିଭଳି ପ୍ରଭାବିତ କରିଛି ତାହା ଆକଳନ କରାଯାଇନଥିବା ଜାତିସଂଘ ସ୍ପଷ୍ଟ କରିଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ସମ୍ବଲପୁରରେ ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

















ସମ୍ବଲପୁର : ଆସନ୍ତା ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ରେମେଡ଼ ଠାରେ ହେବାକୁ ଥିବା ନବ ଚେତନା ଜାଗରଣ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଗାୟତ୍ରୀ ଶକ୍ତିପୀଠ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମା ଗାୟତ୍ରୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଯଜ୍ଞ ପରିଚାଳନା କମିଟିର ସଭାପତି ଆଇନଜୀବୀ ଦୀନଦୟାଲ ଅଗ୍ରୱାଲଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଦିଲୀପ କୁମାର ସାନବଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗ ଦେଇ ଯଜ୍ଞର ସଫଳତା ପାଇଁ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଶ୍ରୀ ସତ୍ୟନାରାୟଣ ପଟେଲ ଏବଂ ଶ୍ରୀମତୀ ଭାରତୀ ଶତପଥୀ ଯଜ୍ଞର ଉଦ୍ଦେଶ୍ୟ ଏବଂ ଏହାର ସ୍ୱରୂପ ବିଷୟରେ ଆଲୋଚନା କରିଥିବାବେଳେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଶିବ ନାରାୟଣ ଶତପଥୀ, ଅଖିଳ ଭାରତ ବ୍ରାହ୍ମଣ ମହାସଭାର ଉପସଭାପତି ଗୋପୀନାଥ ମିଶ୍ର, ପ୍ରଫେସର ସେବକ ତ୍ରିପାଠୀ, ପୂର୍ବତନ ନଗରପାଳ ଗିରିଶ ପଟେଲ ପ୍ରମୁଖ ଯଜ୍ଞର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଯଜ୍ଞର ସୁପରିଚାଳନା ନିମନ୍ତେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଅଭ୍ୟର୍ଥନା କମିଟିର ଅଧକ୍ଷ ରୂପେ ନିର୍ବାଚିତ କରାଯାଇଥିଲା । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଅଶୋଲ ଜଲାନ, ଜ୍ଞାନପ୍ରକାଶ ଅଗ୍ରୱାଲ, ପ୍ରଫେସର କାମଦେବ ସାହୁ, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଅଧାପକ ଶ୍ରୀକୃଷ୍ଣ ପ୍ରଧାନ, ଉଦ୍ଧବ ମହାପାତ୍ର, ହରି ସାମନ୍ତରାୟ, ଡକ୍ଟର ରାଜକୁମାର ସାଣ୍ଡିଲ୍ୟ, ରାଜେନ୍ଦ୍ର କୁମାର ପଣ୍ଡା, ସରୋଜ କୁମାର ମାହାପାତ୍ର, ଭକ୍ତ ପ୍ରସାଦ ନନ୍ଦ, ଗୋଲକ ବିହାରୀ ମିଶ୍ର, ଅଶୋକ ସେନାପତି, ମୋହନ ବଡ଼ଗାୟାଁ, କାର୍ତ୍ତିକେଶ୍ୱର ବଡ଼ପଣ୍ଡା, ଶିବନାରାୟଣ ପାଣିଗ୍ରାହୀ, ବଦନ ମାଝୀ, ଦିବ୍ୟରଞ୍ଜନ ମେଣ୍ଡେଲୀ, ସୁଧାମୟୀ ଗୁରୁ, ଦମୟନ୍ତୀ ଦର୍ଜି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ବୈଠକ ପରିଚାଳନାରେ ବାନାମ୍ବର ସର, ନଳିନୀ ନାଥ, ଶମ୍ଭୁ ଶର୍ମା, ତୁଷାର ପଟ୍ଟନାୟକ, ସୁଷମା ବାରିକ, ଭୂମିସୂତା ପ୍ରଧାନ ଓ ହେମଲତା ଶର୍ମା ସହଯୋଗ କରିଥିଲେ । ଶେଷରେ ଶ୍ରୀମତୀ ନଳିନୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ




ସମ୍ବଲପୁର: ପ୍ରଧାନପାଲି ସ୍ଥିତ ପାବନ ସରୋବରରେ ମିନିଷ୍ଟ୍ରି ଅଫ ସୋସିଆଲ ଜଷ୍ଟିସ ଓ ବ୍ରହ୍ମାକୁମାରୀ ମେଡ଼ିକାଲ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଛି । ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି, ଭିମ୍ସାର ମେଡିସିନ ବିଭାଗ ମୁଖ୍ୟ ଡା. ପ୍ରଦୀପ କୁମାର ମହାନ୍ତି, ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷୟିତ୍ରୀ, ସରପଞ୍ଚ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ନିଶାମୁକ୍ତ ଅଭିଯାନ ସମ୍ପର୍କରେ ମାଉଣ୍ଟ-ଆବୁ ବ୍ରହ୍ମା କୁମାର ରୋହିତ ସୂଚନା ଦେଇଥିଲେ । ବ୍ରହ୍ମା କୁମାରୀ ଦୀପା ଭଉଣୀ ବ୍ରହ୍ମା କୁମାରୀର ସଂକ୍ଷିପ୍ତ ପରିଚୟ ଦେଇଥିଲେ । ବ୍ରହ୍ମାକୁମାରୀ ଆରତୀ ଭଉଣୀ ନିଶା ନିବାରଣ ଲାଗି ଶପଥ ପାଠ କରାଇଥିଲେ । ବ୍ରହ୍ମାକୁମାରୀ ରାସେଶ୍ୱରୀ ଭଉଣୀ କ୍ଷେତରାଜପୁର ଛୋଟ ସ୍କୁଲ ପିଲାଙ୍କୁ ନେଇ ନିଶା ନିବାରଣ ଉପରେ ନାଟକ ପରିବେଷଣ କରିଥିଲେ ।

# ଟିପିଡବ୍ଲୁଓଡିଏଲ୍ ମୁଖ୍ୟାଳୟ ଏବଂ ପାୱାର୍ ହାଉସର ସମୀକ୍ଷା



ବୁର୍ଲା : ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଂଜ ବିହାରୀ ଧଳ, ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡାଙ୍କ ସହିତ ସମ୍ବଲପୁର ଗସ୍ତରେ ଆସି ବୁର୍ଲା ସ୍ଥିତ ଟିପିଡବ୍ଲୁଓଡିଏଲ୍ ଦ୍ୱାରା ନିର୍ମିତ ପାୱାର୍ ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ସମେତ କମ୍ପାନିର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ । ପରେ ଶ୍ରୀ ଧଳ ଟିପିଡବ୍ଲୁଓଡିଏଲ୍ ମୁଖ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗଦେଇ ସରକାରୀ ଅନୁଦାନ ତଥା ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ । ନିର୍ଦ୍ଧାରିତ ସମୟରେ ସମସ୍ତ ପ୍ରକଳ୍ପ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଉଭୟେ ଅନ୍ୟ ଅଧିକାରୀଙ୍କ ସହିତ ଗୋଶାଳା ସ୍ଥିତ ତାଲିମ କେନ୍ଦ୍ର, ସମ୍ବଲପୁର ପାଞ୍ଚଗାଛିଆ ସ୍ଥିତ କଲ୍ ସେଣ୍ଟର ତଥା ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟଶୈଳୀ ଅନୁଧ୍ୟାନ କରିଥିଲେ । ଏହାବାଦ୍ ଶ୍ରୀ ଧଳ ବୁର୍ଲା ପାୱାର ହାଉସ୍ ବୁଲି ଦେଖିବା ସହିତ ସ୍ଥିତି ସମୀକ୍ଷା କରି ଓଏଚ୍‌ପିସି ୟୁନିଟ୍ ହେଡ ଦେବାଶିଷ ମିଶ୍ରଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

# ବରଗଡ଼ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଶୁଭ ଦେଲେ ମୁଖ୍ୟମନ୍ତ୍ରୀ




ବରଗଡ : ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ବରଗଡ଼ ଜିଲ୍ଲାରେ ନିର୍ମାଣ ହୋଇଥିବା ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପିତ କରିବା ସହିତ ନିର୍ମାଣ ହେବାକୁଥିବା ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିଛନ୍ତି । ଏନେଇ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସୱାନ କାର୍ଯ୍ୟାଳୟରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବରଗଡ଼ ଓସୱାନରେ ଉପସ୍ଥିତ ଥିବା ରାଜ୍ୟ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଉଦ୍‌ବୋଧନ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବା ହେବାକୁ ଯାଉଥିବା ପଦକ୍ଷେପ ନେଇ ସନ୍ତୋଷ ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୭୫.୬୭ ଲକ୍ଷ ଟଙ୍କାରେ ନିର୍ମିତ ହୀରାକୁଦ ବନ୍ୟ ପ୍ରାଣୀ ଡିଭିଜନ ଦ୍ୱାରା କାର୍ଯ୍ୟାନ୍ୱିତ ହୋଇଥିବା ଡ଼େବ୍ରିଗଡ଼ ଅଭୟାରଣ୍ୟ ଅନ୍ତର୍ଗତ ବାରବଖରା ଜଳପ୍ରପାତ ଓ ଗୁମ୍ଫା ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟ ତଥା କର୍ଲା ଓ ବିଛନା ଗାଁରେ ହୋଇଥିବା ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ସେହିଭଳି ୨୦୨୩-୨୪ରେ ମଞ୍ଜୁର କରାଯାଇଥିବା ୮୦ ଲକ୍ଷ ଟଙ୍କା ବ୍ୟୟବରାଦ ବିଶିଷ୍ଟ ଭେଡ଼େନ ଜାନଡ଼ୋଲ ଫେସିଲିଟି ସେଣ୍ଟର/କମ୍ୟୁନିଟି ହଲ, ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗାଇସିଲାଟ ବ୍ଲକର କଟାବାହାଲ ଗାଁରେ ମଲକେଲ ନାଳା ଉପରେ ନିର୍ମାଣ ହେବାକୁଥିବା ଟୁରିଷ୍ଟ ଡେ଼ଷ୍ଟିନେସନ ପଏଣ୍ଟ ବା ପର୍ଯ୍ୟଟନ ସ୍ଥଳୀ, ୮୪.୪୪୩ ଲକ୍ଷ ଟଙ୍କା ବ୍ୟୟରେ ଗାଇସିଲେଟ ବ୍ଲକର ବୁରୋମୁଣ୍ଡା ଗାଁରେ ନିର୍ମାଣ ହେବାକୁଥିବା କଳାଗ୍ରାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏ ଅବସରରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିରୁ ବିଭିନ୍ନ ଗ୍ରାମରେ ନିର୍ମାଣ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ଯୋଜନାର ଶୁଭାରମ୍ଭ ମଧ କରିଥିଲେ । ମୋଟ ୧୦୯.୪୪୩ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱୀକୃତି ପାଇଥିବାରୁ ଏହି ସଭାରେ ଉପସ୍ଥିତ ଜନ-ପ୍ରତିନିଧିମାନେ ସ୍ୱାଗତ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ବରଗଡ ଓସ୍ୱାନ ହଲ୍ ଠାରେ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କ ସମେତ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜିଲ୍ଲାପାଳ ମୋନିଷା ବାନାର୍ଜୀ, ହୀରାକୁଦ ବନଖଣ୍ଡର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ନାରାୟଣ ସାହୁ, କିଶୋର ଦେବତା, ଗାଇସିଲାଟ କଳାଗ୍ରାମର କଳାକାର, ଜନପ୍ରତିନିଧି, ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra